# ଅଧ୍ୟାୟ - VIII

# ଅନୁପାଳନ ସମୀକ୍ଷା

# ଅଧ୍ୟାୟ -VIII

## ଅନୁପାଳନ ସମୀକ୍ଷା

ସରକାରଙ୍କ ବିଭିନ୍ନ ବିଭାଗ ଓ କ୍ଷେତ୍ରୀୟ କାର୍ଯ୍ୟାଳୟରେ କରାଯାଇଥିବା ଅନୁପାଳନ ସମୀକ୍ଷାରୁ ସଂସାଧନ ଗୁଡିକର ପରିଚାଳନାରେ ତ୍ରୁଟିର ବିଭିନ୍ନ ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥିଲା । ଏଥିରେ ନିୟମିତତା ଏବଂ ଔଚିତ୍ୟ ପାଳନରେ ବିଫଳତା ଦେଖା ଯାଇଥିଲା । ଏଗୁଡିକ ନିମ୍ନ ଅନୁଛେଦ ମାନଙ୍କରେ ଆଲୋଚନା କରାଯାଇଅଛି ।

## ସମବାୟ ବିଭାଗ

## 8.1 ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷକ ମାନଙ୍କୁ ସହାୟତା

### 8.1.1 ଉପକ୍ରମ

ଓଡିଶା 56.91 ଲକ୍ଷ[82] କୃଷକ ପରିବାର ଥିବା ଏକ କୃଷିଭିତ୍ତିକ ରାଜ୍ୟ ଯାହାର ଜନସଂଖ୍ୟାର ଶତକଡା ସତୁରୀ ଭାଗ କୃଷିଜାତ ଆୟ ଉପରେ ନିର୍ଭର କରନ୍ତି । ରାଜ୍ୟରେ ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରିବାର ମୂଳ ଉଦ୍ଦେଶ୍ୟରେ ସମବାୟ ବିଭାଗ ଗଠିତ ହୋଇଥିଲା । ସମବାୟ ବିଭାଗ ସରକାରଙ୍କ ପ୍ରମୁଖ ଶାସନ ସଚିବଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ବିଭିନ୍ନ ଯୋଜନାର ରୂପାୟନ ପାଇଁ ଦାୟୀ ଥାନ୍ତି, ଯାହାକି ରେଜିଷ୍ଟ୍ରାର ସମବାୟ ସମିତି (ଆର୍.ସି.ଏସ୍.), ଉପ ରେଜିଷ୍ଟ୍ରାର ସମବାୟ ସମିତି(ଡି.ଆର୍.ସି.ଏସ୍)/ ସହାୟକ ରେଜିଷ୍ଟ୍ରାର ସମବାୟ ସମିତି (ଏ.ଆର୍.ସି.ଏସ୍.)ଙ୍କ ଦ୍ୱାରା ପ୍ରଶାସିତ ହୋଇଥାଏ । ଏହା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ମାଧ୍ୟମରେ କୃଷକମାନଙ୍କୁ କୃଷି ଓ କୃଷି ସମ୍ବନ୍ଧିତ କାର୍ଯ୍ୟକଳାପ ନିମନ୍ତେ ପର୍ଯ୍ୟାପ୍ତ ଓ ସମୟୋଚିତ ଋଣର ହାସଲ କରିବାରେ ସୁବିଧା କରିଥାଏ ।

ପାକ୍ସ ଗୁଡିକ ଓଡିଶା ରାଜ୍ୟ ସମବାୟ ସମିତି ଅଧିନିୟମ 1962 ଅଧୀନରେ ଗଠିତ ଏବଂ ଆର୍.ସି.ଏସ୍ ଙ୍କ ସହିତ ରେଜିଷ୍ଟ୍ରିଭୁକ୍ତ ଅଟେ। ଏହାର ଦୈନନ୍ଦିନ କାର୍ଯ୍ୟକଳାପ ନିମନ୍ତେ ନିଜସ୍ୱ ନିୟମାବଳୀ 11 ରୁ 15 ସଭ୍ୟ ବିଶିଷ୍ଟ ଏକ ନିର୍ବାଚିତ ସଂଘ ଅଧୀନରେ ଅଛି । ସ୍ୱଳ୍ପମିଆଦୀ ସମବାୟ ଋଣ ସଂସ୍ଥାପନ ଅଧୀନରେ ପାକ୍ସ ଗୁଡିକ ତ୍ରିସ୍ତରୀୟ ସଂରଚନା ଥିବା ଏକ ତୃଣମୂଳ ସ୍ତରର ଅନୁଷ୍ଠାନ ଯେଉଁଠି ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଡି.ସି.ସି.ବି.) ମଧ୍ୟମ ସ୍ତରରେ ଏବଂ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ସର୍ବୋଚ୍ଚ ସ୍ତରରେ ଅବସ୍ଥାପିତ । ଏହି ସମବାୟ ଋଣ ଅନୁଷ୍ଠାନ ଗୁଡିକର ଗ୍ରାମୀଣ ଅଂଚଳରେ ପହଞ୍ଚ ଓ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ନିକଟକୁ ସୁଗମ୍ୟତା ଯୋଗୁଁ କୃଷି ଋଣ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ଏହା ଏକ ମୌଳିକ ୟୁନିଟ୍ ଯାହା ସ୍ୱଳ୍ପ ମିଆଦି, ମଧ୍ୟମ ମିଆଦି ଓ ଦୀର୍ଘମିଆଦି ଫସଲ ଋଣ ପ୍ରଦାନ କରେ, ତତ୍‌ସହିତ କୀଟନାଶକ, ବିହନ ଓ ସାର ବିତରଣ ଏବଂ କୃଷିଉତ୍ପାଦ ଗୁଡିକର ନେଣଦେଣର ପେଣ୍ଠସ୍ଥଳ ଭାବେ କାର୍ଯ୍ୟ କରେ । କୃଷି ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧି ଏବଂ ଚାଷ କାର୍ଯ୍ୟକୁ ସହଜ କରିବା ପାଇଁ କୃଷକମାନଙ୍କୁ ଭଡାସୂତ୍ରରେ ଯନ୍ତ୍ରପାତି ଯୋଗାଇବାର ସୁବିଧା କରିଥାଏ । ଧାରଗ୍ରାହୀ ମାନଙ୍କୁ ଧାରର ସୁବିଧା କରିବା ପାଇଁ ପାକ୍ସ ଶତକଡା 0.5 ମାର୍ଜିନ ମୂଲ୍ୟ[83] ପାଇଥାଏ । ଏହାର ଦୈନନ୍ଦିନ କାର୍ଯ୍ୟ ପାଇଁ ନିଜ ଇଲାକା ରେ ଥିବା ସଭ୍ୟ ଓ ସଭ୍ୟନଥିବା ଚାଷୀଙ୍କଠାରୁ ଜମାରାଶି ସଂଗ୍ରହ କରେ । ଓଏସ୍‌ସିବି ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ ସରକାର ପ୍ରଦାନ କରୁଥିବା ଉପକାର ଗୁଡିକୁ ହାସଲ କରିବା ପାଇଁ ଓଡିଶାର 56.91 ଲକ୍ଷ କୃଷକ[84] ପରିବାରଙ୍କ ମଧ୍ୟରୁ 55.20 ଲକ୍ଷ (97 ଶତକଡା) ପାକ୍ସ ରେ ନାମାଙ୍କିତ ହୋଇଛନ୍ତି (ମାର୍ଚ୍ଚ 2018) ।

ପାକ୍ସ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକ କରିଥାଏ ଯାହା ଅନ୍ୟାନ୍ୟ ବିଷୟ ମଧ୍ୟରେ ବିଭିନ୍ନ ଯୋଜନା/କାର୍ଯ୍ୟକଳାପ ର କାର୍ଯ୍ୟାନ୍ୱୟନ ର ଅନ୍ତର୍ଭୁକ୍ତ ।

---

[82] ଆରସିଏସ, ନିର୍ଦ୍ଦେଶାଳୟ, ଓଡିଶାଙ୍କ ଅଧୀନରେ ଥିବା ସମବାୟ ଅନୁଷ୍ଠାନ ମାନଙ୍କ 2018-19 ବର୍ଷର କାର୍ଯ୍ୟକଳାପ ସମ୍ବଳିତ ରିପୋର୍ଟ

[83] ଫସଲ ଋଣ ଯୋଗାଣ ପ୍ରକ୍ରିୟା ମୂଲ୍ୟ

[84] ଓ.ଏସ.ସି.ବି ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ

- ସୁଧ ରିହାତି ଯୋଜନା ମାଧମରେ ଋତୁ ଭିତ୍ତିକ ଚାଷ ପାଇଁ ନିଜ ନିଜ ପାକ୍ସ ରେ ସଭ୍ୟ ଥିବା ଚାଷୀମାନଙ୍କୁ 3.00 ଲକ୍ଷ ଟଙ୍କା (ପ୍ରତି ଋଣଗ୍ରହୀତା) ପର୍ଯ୍ୟନ୍ତ ଫସଲ ଋଣ ପ୍ରଦାନ । ସମୟାନୁସାରେ ଫସଲ ଋଣ ପରିଶୋଧ କରିବାରେ ଏହି କୃଷି ଋଣ ଉପରେ ଶତକଡା ଦୁଇ ପ୍ରତିଶତ (ସାତ ପ୍ରତିଶତ ସୁଧ ମୂଲ୍ୟ ବିଯୁକ୍ତ ପାଞ୍ଚ ପ୍ରତିଶତ ସରକାରୀ ରିହାତି) ସୁଧ ଲାଗୁ ହୁଏ ।
- କୃଷି ଉତ୍ପାଦନ ଓ ଉତ୍ପାଦେୟତା ବୃଦ୍ଧି ନିମନ୍ତେ ଭଡାସୁତ୍ରରେ କୃଷକମାନଙ୍କୁ କୃଷି ଯନ୍ତ୍ରାଂଶ ଯୋଗାଇଦେବା ପାଇଁ ଓଡିଶା କୃଷି ଶିଳ୍ପ ନିଗମ (ଓ.ଏ.ଆଇ.ସି.) ମାଧମରେ କୃଷି ସହାୟତା କେନ୍ଦ୍ର[85] (ଏ.ଏସ.ସି) ଗଠନ ।
- ଉନ୍ନତ ସେବା ପ୍ରଦାନ ଓ ସଠିକ୍ କାର୍ଯ୍ୟକାରିତା, ପାକ୍ସ ଗୁଡିକର ଅର୍ଥବ୍ୟବସ୍ଥା ଓ ଯୋଜନା କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନାର ସୁବିଧା କରିବା ପାଇଁ ରାଜ୍ୟର କୃଷକ ପରିବାର ସମ୍ବନ୍ଧୀୟ ତଥ୍ୟକୁ ଏକ ପରିଚାଳନା ସୂଚନା ବ୍ୟବସ୍ଥା ଦ୍ୱାରା ରକ୍ଷଣାବେକ୍ଷଣ କରିବା ।

ଉପରୋକ୍ତ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବା ପାଇଁ ଉତ୍ତରଦାୟୀ ଥିବା ସଂସ୍ଥାଗୁଡିକର ଏକ ଫ୍ଳୋଚାର୍ଟ ନିମ୍ନରେ ଦିଆଗଲା:




2014-18 ବର୍ଷ ମଧ୍ୟରେ ହୋଇଥିବା କାର୍ଯ୍ୟକଳାପର ଏକ ବିସ୍ତୃତ ଅନୁପାଳନ ସମୀକ୍ଷା ଜୁନ ଠାରୁ ସେପ୍ଟେମ୍ବର 2019 ମଧ୍ୟରେ ହୋଇଥିଲା । ସମବାୟ ବିଭାଗ, ଓଡିଶା ସରକାର, ଆର.ସି.ଏସ୍, ଓ.ଏସ.ସି.ବି. ଏବଂ 30 ଜିଲ୍ଲା ମଧ୍ୟରୁ ନଅଟି ଜିଲ୍ଲାର[86] 17 ଟି ଡି.ସି.ସି.ବି. ମଧ୍ୟରୁ ଚାରୋଟିର[87] ନଥିପତ୍ର ଯାଞ୍ଚ ହୋଇଥିଲା । ଏହି ସଂସ୍ଥାଗୁଡିକ ଷ୍ଟ୍ରାଟିଫାଏଡ୍ ରାଣ୍ଡମ୍ ସାମ୍ପଲିଙ୍ଗ୍ ପ୍ରକ୍ରିୟା ଦ୍ୱାରା ଚୟନ ହୋଇଥିଲା । ଏହି ଜିଲ୍ଲା ମାନଙ୍କରେ ଡିଆରସିଏସ/ଏଆରସିଏସ ଏବଂ ଚୟନ ହୋଇଥିବା ଚାରୋଟି ଡିସିସିବିର 27ଟି ପାକ୍ସ[88] ର ନଥିପତ୍ରର ଯାଞ୍ଚ ସମୀକ୍ଷା ହୋଇଥିଲା । ତାହାଛଡା, ଓ.ଏ.ଆଇ.ସି. ଠାରୁ ଏ.ଏସ.ସି. ର ପ୍ରତିଷ୍ଠାନ ବିଷୟରେ ଖବର ସଂଗ୍ରହ କରାଯାଇଥିଲା । ଓଡିଶା ସରକାରଙ୍କ ଆୟୁକ୍ତ-ତଥା- ସଚିବ, ସମବାୟ ବିଭାଗଙ୍କ ସହିତ ସମୀକ୍ଷା ସିଦ୍ଧାନ୍ତ ଗୁଡିକର ଆଲୋଚନା 7 ଜାନୁଆରୀ 2020 ରେ ହୋଇଥିଲା । ସରକାରଙ୍କ ମନ୍ତବ୍ୟ ଗୁଡିକ ଯେଉଁଠି ପ୍ରାସଙ୍ଗିକ ଥିଲା ତାହାକୁ ସମୀକ୍ଷା ସିଦ୍ଧାନ୍ତ ରେ ଅନ୍ତର୍ଭୁକ୍ତ କରାଗଲା ।

---

[85] ଏକ ନିଗମ ଯାହା କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ କାର୍ଯ୍ୟ କରେ(ଡି.ଏ.ଆଣ୍ଡ୍ଏଫ.ଇ)

[86] (1) ବାଲେଶ୍ୱର, (2) ଭଦ୍ରକ, (3) କଟକ, (4) ଗଜପତି ,(5) ଗଞ୍ଜାମ, (6) ଜଗତସିଂହପୁର, (7) ଯାଜପୁର, (8) କେନ୍ଦ୍ରାପଡା ଓ (9) ନୟାଗଡ

[87] ବାଲେଶ୍ୱର, ବ୍ରହ୍ମପୁର, କଟକ, ନୟାଗଡ

[88] ଅର୍ଣ୍ଣାପାଳ, କଳେଇ, ରଣସାହି, ସବରଙ୍ଗ, ଶ୍ରୀରାମପୁର ଏବଂ ତଳମାଳ ଗୋପିନାଥପୁର(ବାଲେଶ୍ୱର ଡିସିସିବି ଅଧୀନରେ)
ବଗଡା, ବୋମିକା, ଗୁମ୍ମା. ଯାମୀ, ନିମଖଣ୍ଡୀ ପେଣ୍ଠ ଏବଂ ପଦ୍ମନାଭପୁର (ବ୍ରହ୍ମପୁର ଡିସିସିବି ଅଧିନରେ)
ଭରତପୁର, ଜମାଧର, କାଦୁଆପଡା, ଖଇରାବାଦ, ମଧକଛ, ମୁଦୁପୁରୁ, ନାଥସାହି, ପଣସା, ଓସ୍ତପୁରୁ, ରାମକୃଷ୍ଣପୁର, ରାଇସୁଙ୍ଗୁଡା ଏବଂ ସିଂହପୁର (ଡିସିସିବି କଟକ ଅଧୀନରେ) ଏବଂ ଦିନପଡା, ଗୋବିନ୍ଦପୁର ଏବଂ ଲେଙ୍କୁଡିପଡା (ଡିସିସିବି ନୟାଗଡ ଅଧୀନରେ)

## 8.1.2 ସମୀକ୍ଷା ସିଦ୍ଧାନ୍ତ

### 8.1.2.1 ଯୋଜନା ପଦ୍ଧତି

ଗ୍ରାମୀଣ ଉନ୍ନତି ଏବଂ କୃଷିକାର୍ଯ୍ୟକଳାପ ପାଇଁ ରଣ ପ୍ରଦାନରେ ଗ୍ରାମୀଣ କ୍ଷେତ୍ରରେ ସମବାୟ ରଣ ଅନୁଷ୍ଠାନ ଆଖିଦୃଶିଆ ଦୀର୍ଘ ପଦକ୍ଷେପ ନେଇଥିଲେ । ରାଜ୍ୟରେ ଏହି ତ୍ରିସ୍ତରୀୟ ଏସ.ଟି.ସି.ସି.ଏସ. 2,708 କାର୍ଯ୍ୟକାରୀ ପାକ୍ସ ଯେଉଁଥିରେ 214 ଟି ବଡ ଆକାରର ଆଦିବାସୀ ବହୁମୁଖୀ ସମବାୟ ସମିତି (ଲାମ୍ପସ୍) ଅନ୍ତର୍ଭୁକ୍ତ ଏବଂ ଛଅଟି କୃଷକ ସେବା ସମବାୟ ସମିତି (ଏଫ.ଏସ.ସି.ଏସ.), 17 ଡି.ସି.ସି.ବି., ସେମାନଙ୍କ 341 ଟି ଶାଖା ଏବଂ ଓ.ଏସ.ସି.ବି., ଏକ ଅନୁସୂଚିତ ବ୍ୟାଙ୍କକୁ ନେଇ ଗଠିତ ।

ଓଡିଶା ସରକାର କୃଷକମାନଙ୍କୁ ଫସଲ ରଣ ଏସ.ଟି.ସି.ସି.ଏସ. ମାଧ୍ୟମରେ ଆବଣ୍ଟନ ପାଇଁ ଏକ ଲକ୍ଷ୍ୟଧାର୍ଯ୍ୟ କରିଛି ଯାହାକି ପରବର୍ତ୍ତୀ ବର୍ଷରେ ପ୍ରାୟତଃ ଶତକଡା 10 ପ୍ରତିଶତ ହାରରେ ବୃଦ୍ଧି ଘଟିଥାଏ । ପୁଣି, ରାଜ୍ୟ ସରକାର ନୂତନ କୃଷକ ସଦସ୍ୟମାନଙ୍କୁ ରଣ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱ ଦେଇଥିଲେ । 2014-18 ବର୍ଷ ମଧ୍ୟରେ ରାଜ୍ୟରେ ଏବଂ ଯାଞ୍ଚ ସମୀକ୍ଷା ହୋଇଥିବା ପାକ୍ସ ଗୁଡିକରେ କୃଷିରଣ ପ୍ରଦାନ ଏବଂ କୃଷକମାନଙ୍କ ସଂଖ୍ୟାର ହିସାବ ନିମ୍ନ ସାରଣୀରେ ଦିଆଗଲା ।

**ସାରଣୀ ସଂଖ୍ୟା 8.1: ଯାଞ୍ଚ ସମୀକ୍ଷା ହୋଇଥିବା ପାକ୍ସଗୁଡିକରେ2014-18 ବର୍ଷମଧ୍ୟରେ କୃଷିରଣ ଆବଣ୍ଟନ ଓ କୃଷକଙ୍କୁ ତାଲିକାଭୁକ୍ତ ର ବିବରଣୀ**

| ବର୍ଷ | ଫସଲ ରଣ ଆବଣ୍ଟନ | | | | ରାଜ୍ୟରେ ଏବଂ ଯାଞ୍ଚ ସମୀକ୍ଷା ହୋଇଥିବା ପାକ୍ସ ଗୁଡିକରେ ତାଲିକାଭୁକ୍ତ ହୋଇଥିବା କୃଷକ | | | | | |
|---|---|---|---|---|---|---|---|---|---|---|
| | ଲକ୍ଷ୍ୟ (ଟଙ୍କା କୋଟିରେ) | | ସଫଳତା (ଟଙ୍କା କୋଟିରେ) | | ତାଲିକାଭୁକ୍ତ ହୋଇଥିବା କୃଷକଙ୍କ ମୋଟ ସଂଖ୍ୟା (ଲକ୍ଷରେ) | | ଫସଲ ରଣ ନେଇଥିବା କୃଷକଙ୍କ ମୋଟ ସଂଖ୍ୟା (ଶତକଡା) | | ଫସଲ ରଣ ନେଇଥିବା ନୂତନ କୃଷକଙ୍କ ମୋଟ ସଂଖ୍ୟା (ଶତକଡା) | |
| | ରାଜ୍ୟରେ | ଯାଞ୍ଚ ସମୀକ୍ଷା ହୋଇଥିବା ପାକ୍ସ ଗୁଡିକରେ | ରାଜ୍ୟରେ (ଶତକଡା) | ଯାଞ୍ଚ ସମୀକ୍ଷା ହୋଇଥିବା ପାକ୍ସ ଗୁଡିକରେ (ଶତକଡା) | ରାଜ୍ୟରେ | ଯାଞ୍ଚ ସମୀକ୍ଷା ହୋଇଥିବା ପାକ୍ସ ଗୁଡିକରେ | ରାଜ୍ୟରେ (ଲକ୍ଷରେ) | ଯାଞ୍ଚ ସମୀକ୍ଷା ହୋଇଥିବା ପାକ୍ସ ଗୁଡିକରେ (ସଂଖ୍ୟାରେ) | ରାଜ୍ୟରେ (ଲକ୍ଷରେ) | ଯାଞ୍ଚ ସମୀକ୍ଷା ହୋଇଥିବା ପାକ୍ସଗୁଡିକରେ (ସଂଖ୍ୟାରେ) |
| 2014-15 | 8,000 | 108.67 | 8,351.11 (104.39) | 98.64 (90.77) | 54.66 | 0.61 | 30.29 (55.42) | 36,568 (59.83) | 1.24 (4.10) | 670 (1.83) |
| 2015-16 | 10,000 | 119.94 | 9,572.22 (95.72) | 109.94 (91.66) | 55.46 | 0.63 | 32.01 (57.72) | 40,213 (63.60) | 1.39 (4.34) | 633 (1.57) |
| 2016-17 | 11,000 | 125.81 | 10,204.81 (92.77) | 115.73 (91.98) | 56.10 | 0.64 | 31.44 (56.04) | 40,147 (62.65) | 0.71 (2.26) | 631 (1.57) |
| 2017-18 | 12,000 | 146.31 | 11,005.74 (91.71) | 119.78 (81.86) | 55.20 | 0.65 | 30.77 (55.74) | 38,927 (59.54) | 0.58 (1.88) | 638 (1.64) |
| ମୋଟ | **41,000** | **500.73** | **39,133.88** | **444.09** | | | | | | **2,572 (1.65)** |

**(ଉତ୍ସ : ଓ.ଏସ.ସି.ବି. ଏବଂ ପାକ୍ସରୁ ମିଳିଥିବା ସୂଚନା)**

ଉପର ସାରଣୀରୁ ଦେଖାଗଲା ଯେ ଫସଲ ରଣ ଆବଣ୍ଟନର ସଫଳତା 81.86 ପ୍ରତିଶତ ରୁ 91.98 ପ୍ରତିଶତ ଏବଂ ରଣଗ୍ରହୀତା କୃଷକ ସଂଖ୍ୟା 59.54 ପ୍ରତିଶତ ରୁ 63.60 ପ୍ରତିଶତ ଯାଞ୍ଚ ସମୀକ୍ଷା ହୋଇଥିବା ପାକ୍ସ ଗୁଡିକରେ ଥିଲା ଯାହାକି ରାଜ୍ୟସ୍ତରରେ ହାସଲ ହୋଇଥିବା ସାମଗ୍ରୀକ ସଂଖ୍ୟା ସହ ଆନୁପାତିକ ଥିଲା । ଅଡିଟ୍ ନୂତନ କୃଷକ ମାନଙ୍କୁ ଫସଲ ରଣ ପ୍ରଦାନ ଓ ତାଲିକାଭୁକ୍ତ କରିବାର ଗତି ଉପରେ ଅନୁସନ୍ଧାନ କରିଥିଲା । ଗ୍ରାମୀଣ ଇଲାକାରେ ଚାଷ ଛାଡି ଅନ୍ୟ କାର୍ଯ୍ୟକଳାପ ଏବଂ ସହରାଭିମୁଖୀ ହେବାର ବର୍ତ୍ତମାନର ପ୍ରଥାର ଉଦାହରଣ ଦେଇ ରାଜ୍ୟ ସରକାର କୃଷକଙ୍କୁ ତାଲିକାଭୁକ୍ତ କରିବା ଏବଂ ବିଭିନ୍ନ ଯୋଜନା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ନିଜର ପ୍ରଚେଷ୍ଟାକୁ ଦୋହରାଇଥିଲେ ।

## 8.1.2.2 କିଷାନ କ୍ରେଡିଟ୍ କାର୍ଡ

ଋଣ ପ୍ରଦାନ କରିବାର ପ୍ରଣାଳୀକୁ ସରଳୀକୃତ କରିବା ପାଇଁ ଓ.ଏସ.ସି.ବି., ଡି.ସି.ସି.ବି. ଓ ପାକ୍ସ ଦ୍ୱାରା କାର୍ଯ୍ୟକାରୀ କରାଇବା ପାଇଁ ରାଜ୍ୟରେ କିଷାନ୍ କ୍ରେଡିଟ୍ କାର୍ଡ ଯୋଜନା ପ୍ରଚଳନ କରିଥିଲେ (1998-99) । କେ.ସି.ସି. ସର୍ତ୍ତାବଳୀ ସୂଚାଏ ଯେ ସମସ୍ତ କେସିସି ଧାରୀଙ୍କୁ ନଗଦ ଋଣ ମଞ୍ଜୁର କରାହେବ ଯାହାର ସୀମା ନିର୍ଦ୍ଧାରଣ ଫସଲ ପାଇଁ ନିର୍ଦ୍ଧାରିତ ଅର୍ଥ[89], ଚାଷ କରାଯାଇଥିବା ଫସଲ ଓ ଜମି ଆକାର ମାଧମରେ ହୁଏ । ପ୍ରତି କେସିସି ଧାରୀଙ୍କ ପାଇଁ ଖରିଫ୍[90] ଓ ରବି[91] ଋତୁ ନିମନ୍ତେ ଋଣର ସୀମା ନିର୍ଦ୍ଧାରିତ ହେବ ।

ସମୀକ୍ଷାରୁ ନିମ୍ନଲିଖିତ ବିଷୟ ଜଣାଗଲା:

### କିଷାନ୍ କ୍ରେଡିଟ୍ କାର୍ଡ ପ୍ରଦାନରେ ନିଅଣ୍ଟ

ସରକାର ନିର୍ଦ୍ଦେଶ ଦେଲେ (ଅପ୍ରେଲ 2014) ଯେ ଡି.ସି.ସି.ବି. ମାନେ ସମବାୟ ପରିଧି ମଧ୍ୟରେ ନଥିବା କୃଷକ ପରିବାରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଗୁରୁତ୍ୱ ଦେଇ ନୂତନ କେ.ସି.ସି. ର ପ୍ରଚଳନ ଏବଂ ଫସଲ ଋଣର ପ୍ରସାର ପାଇଁ ବାର୍ଷିକ ଅନୁଯୋଜନା କରିବା ଦରକାର । ଓଡିଶା ସରକାର/ଓ.ଏସ.ସି.ବି. କୃଷକ ମାନଙ୍କୁ ବିନା ବାଧାରେ ଋଣ ପ୍ରଦାନ ନିମନ୍ତେ ବାର୍ଷିକ ଦୁଇ ଲକ୍ଷ କେ.ସି.ସି. ପ୍ରଚଳନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ମାର୍ଚ୍ଚ 2014 ସୁଦ୍ଧା ନାମାଙ୍କିତ ସଭ୍ୟ ହୋଇଥିବା 53.69 ଲକ୍ଷ ଚାଷୀଙ୍କ ମଧ୍ୟରୁ 42.84 ଲକ୍ଷ ଚାଷୀଙ୍କୁ କେ.ସି.ସି. ପ୍ରଦାନ କରାଯାଇଥିଲା । ବର୍ଷ 2014-18 ମଧ୍ୟରେ ପ୍ରଦାନ କରାଯାଇଥିବା କେସିସି ଗୁଡିକର ସ୍ଥିତାବସ୍ଥା ନିମ୍ନ ସାରଣୀରେ ଦିଆଯାଇଅଛି ।

**ସାରଣୀ ସଂଖ୍ୟା 8.2: 31 ମାର୍ଚ୍ଚ 2018 ସୁଦ୍ଧା ପ୍ରଦାନ ହୋଇଥିବା କେ.ସି.ସି. ଗୁଡିକର ସ୍ଥିତାବସ୍ଥା**

| ବର୍ଷ | ନାମାଙ୍କିତ ଚାଷୀ (ଲକ୍ଷରେ) | ପ୍ରଦାନ ହୋଇଥିବା କେ.ସି.ସି. (ଲକ୍ଷରେ) | ସେହି ବର୍ଷରେ କେ.ସି.ସି. ପାଇବା ପାଇଁ ଯୋଗ୍ୟ ଚାଷୀ (ଲକ୍ଷରେ) | ବର୍ଷମଧ୍ୟରେ କେ.ସି.ସି. ପ୍ରଦାନର ଲକ୍ଷ୍ୟ (ଲକ୍ଷରେ /ପ୍ରତିଶତରେ) | ସଫଳତା (ଲକ୍ଷରେ /ପ୍ରତିଶତରେ) | ବର୍ଷମଧ୍ୟରେ ସଫଳତାର ନିଅଣ୍ଟ (ପ୍ରତିଶତରେ) |
|---|---|---|---|---|---|---|
| 2014-15 | 54.66 | 44.52 | 10.14 | 2.00 (19.72) | 1.67 (83.50) | 16.50 |
| 2015-16 | 55.46 | 46.05 | 9.41 | 2.00 (21.25) | 1.53 (76.50) | 23.50 |
| 2016-17 | 56.10 | 45.00 | 11.10 | 2.00 (18.01) | 0.89 (44.50) | 55.50 |
| 2017-18 | 55.20 | 45.77 | 9.30 | 2.00 (21.51) | 0.78 (39.00) | 61.00 |

(ଉତ୍ସ:ଓ.ଏସ.ସି.ବି. ଦେଇଥିବା ସୂଚନା ଅନୁସାରେ)

ଟେବୁଲରୁ ଏହା ସ୍ପଷ୍ଟ ଯେ 2016-17 ଏବଂ 2017-18 ବର୍ଷରେ କେ.ସି.ସି.ର ପ୍ରଚଳନ କମିଯାଇଥିଲା । ଓ.ଏସ.ସି.ବି. ଦର୍ଶାଇଲେ ଯେ, କାମ କରୁନଥିବା ବ୍ୟାଙ୍କ୍ ଖାତା ଗୁଡିକୁ ବନ୍ଦ କରିଦେବା ଏହାର କାରଣ ଅଟେ ।

ପୁଣି, ଏହି ଯୋଜନା ପ୍ରତି ବର୍ଷ ଦୁଇ ଲକ୍ଷ କାର୍ଡର ପ୍ରଚଳନର ଲକ୍ଷ୍ୟଧାର୍ଯ୍ୟ କରିଥିଲା । ଏହି ଲକ୍ଷ୍ୟ ପ୍ରତିବର୍ଷ ଯୋଗ୍ୟ ଚାଷୀ ସଂଖ୍ୟାର 18.01 ରୁ 21.51 ପ୍ରତିଶତ ଅଟେ । ଯାହାହେଉ, ସେହି ସମୟ[92] ମଧ୍ୟରେ ଏହାର ହାର 16.50 ରୁ 61.00 ପ୍ରତିଶତ କମ୍ ଥିଲା ଓ ଏହି ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇନଥିଲା । ଏହା ଦର୍ଶାଇଥିଲା ଯେ, ଯେଉଁ ସଦସ୍ୟ ଚାଷୀମାନେ କେ.ସି.ସି. ପାଇନଥିଲେ ସେମାନେ ଏହି ଯୋଜନାରୁ ଉପକୃତ ହେଲେନାହିଁ ।

ସରକାର ଜଣାଇଲେ (ଡିସେମ୍ବର 2019) ଯେ, ଓ.ଏସ.ସି.ବି. "କୃଷକ ସମ୍ପର୍କ ଅଭିଯାନ" ଓ "ସମବାୟ ଆପଣଙ୍କ ଦୁଆରରେ" ନାମକ ଅବଗତ ଅଭିଯାନ ଦ୍ୱାରା ସଦସ୍ୟ ମାନଙ୍କୁ ସଚେତନ କରି ଲକ୍ଷ୍ୟହାସଲ କରିବାର ପ୍ରଚେଷ୍ଟା କରିଥିଲେ ।

---

89 ଫସଲ ଋଣର ପରିମାଣ ନିର୍ଦ୍ଧାରଣ ନିମନ୍ତେ ବିଭିନ୍ନ ଫସଲର ଚାଷ ପାଇଁ ହେଉଥିବା ଖର୍ଚ୍ଚର ପ୍ରକୃତ ଆକଳନ

90 ଖରିଫ୍ ଫସଲ ଋତୁ ଅପ୍ରେଲ ରୁ ସେପ୍ଟେମ୍ବର

91 ରବି ଫସଲ ଋତୁ ଅକ୍ଟୋବର ରୁ ମାର୍ଚ୍ଚ

92 ମାର୍ଚ୍ଚ 2015 ବର୍ଷରେ ସମାପ୍ତ ବର୍ଷ ପାଇଁ ସମୀକ୍ଷା ପ୍ରତିବେଦନ (ଆର୍ଥିକ କ୍ଷେତ୍ର)ରେ ସମବାୟ ବିଭାଗର ଯୋଜନା ବିଷୟରେ ହୋଇଥିବା କାର୍ଯ୍ୟକଳାପ ସମୀକ୍ଷା ରେ ପ୍ରକୃତ ସଫଳତା 2012-13 ଏବଂ 2013-14 ବର୍ଷ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟର (5 ଲକ୍ଷ ଯୋଗ୍ୟ ଚାଷୀ) 42 ପ୍ରତିଶତ ଥିଲା ।

### ରୁପେ କିଷାନ କାର୍ଡଗୁଡିକୁ ସକ୍ରିୟ ନ କରିବା

କେ.ସି.ସି. ଯୋଜନା ସର୍ତ୍ତାବଳୀ କୃଷକ ସଦସ୍ୟମାନଙ୍କୁ ରୁପେ କିଷାନ କାର୍ଡ଼ ପ୍ରଦାନ କରିବା ପାଇଁ ଗୁରୁତ୍ୱ ଦେଇଥିଲା ଯଦ୍ୱାରା ସେମାନେ ରାଜ୍ୟର ସମସ୍ତ ବ୍ୟାଙ୍କ୍ ଏଟିଏମ୍[93] ରୁ ଟଙ୍କା ଉଠାଇ ପାରିବେ । ଥରେ ଋଣ ସୀମା ଧାର୍ଯ୍ୟ ହେଲାପରେ ଜଣେ ଋଣ ଖିଲାପକାରୀ ନ ହୋଇଥିବା କେ.ସି.ସି. ଧାରୀ ଏହି ସ୍ମାର୍ଟ କାର୍ଡ଼ ବ୍ୟବହାର କରି ଟଙ୍କା ଉଠାଣ କରିପାରିବେ । ତଦନୁସାରେ ଓ.ଏସ.ସି.ବି. ରୁପେ କିଷାନ କାର୍ଡ ଜୁଲାଇ 2017ରେ ଚାଲୁ କଲେ ଏବଂ 17.43 କୋଟି ଟଙ୍କା ଖର୍ଚ୍ଚରେ ଜାନୁଆରୀ 2020 ଅବଧି ଥିବା 18.48 ଲକ୍ଷ କାର୍ଡ଼ ମୁଦ୍ରଣ କଲେ ଏବଂ ଚାଷୀଙ୍କୁ ବିତରଣ ପାଇଁ ଡି.ସି.ସି.ବି. /ପାକ୍ସ କୁ ହସ୍ତାନ୍ତର କଲେ ।

ସମୀକ୍ଷାରୁ ଜଣାଗଲା ଯେ କାର୍ଡ଼ର ବୈଧତା ସମୟ ସୀମା ସରିବା ଭିତରେ ଓ.ଏସ.ସି.ବି. 18.48 ଲକ୍ଷ ରୁପେ କିଷାନ କାର୍ଡ ସକ୍ରିୟ କରିବାରେ ବିଫଳ ହେଲା । ପୁନଶ୍ଚ, ଯେହେତୁ ଅବଧି ସମୟ ସୀମା ସରିବାର ଦୁଇ ବର୍ଷ ସରିବା ପରେ ମଧ ଓ.ଏସ.ସି.ବି. ଏହି କାର୍ଡ ଗୁଡିକର ସମାପ୍ତି ତାରିଖ ଘୁଞ୍ଚାଇ, ପୁନଃସକ୍ରିୟ କରିବା ପାଇଁ କୌଣସି ପଦକ୍ଷେପ ଆରମ୍ଭ କରିନଥିବାରୁ ଏହି କାର୍ଡ ଗୁଡିକର ବ୍ୟବହାର ର ସଂଭାବନା ବହୁତ କମ୍ ଥିଲା, ଯାହା ଫଳରେ ପାକ୍ସର ସଦସ୍ୟ ଚାଷୀ ଏବଂ ଖିଲାପ କରିନଥିବା କେସିସିଧାରୀ କେବଳ ଯେ ଓଏସସିବି/ଡିସିସିବି/ପାକ୍ସର ନୀତି/ନିର୍ଦ୍ଦେଶ ଅନୁଯାୟୀ ଟଙ୍କା ଉଠାଣରୁ ବଞ୍ଚିତ ହୋଇନଥିଲେ ପରନ୍ତୁ, ଖର୍ଚ୍ଚ ହୋଇଥିବା ସମସ୍ତ 17.43 କୋଟି ଟଙ୍କା ବ୍ୟର୍ଥ ହୋଇଥିଲା ।

ସରକାର ଜଣାଇଲେ (ଡିସେମ୍ବର 2019) ଯେ ପାକ୍ସ ସ୍ତରରେ ଖରାପ ନେଟ୍‌ୱାର୍କ ଏବଂ କୃଷକ ସଭ୍ୟଙ୍କ କରଗତ ହୋଇଥିବା ତଥ୍ୟ ପରୀକ୍ଷା ନିରୀକ୍ଷା ନ ହେବା ଯୋଗୁଁ କାର୍ଡ ଗୁଡିକ କୋର ବ୍ୟାଙ୍କିଂ ବ୍ୟବସ୍ଥାରେ ବ୍ୟବହୃତ ହୋଇପାରିନଥିଲା । ବିଦାୟୀ ସମ୍ମିଳନୀରେ ସଚିବ, ସମବାୟ ବିଭାଗ କହିଲେ ଯେ ବ୍ୟାଙ୍କ ସଞ୍ଚୟ ଖାତା ସହ ରୁପେ କିଷାନ କାର୍ଡର ସଂଯୋଗ ବିନା ଏହା ପ୍ରଦାନର କୌଣସି ଉଦ୍ଦେଶ୍ୟ ସାଧିତ ହେବନାହିଁ । ପାକ୍ସରେ ମଧ କୋର ବ୍ୟାଙ୍କିଙ୍ଗ୍‌ର ବ୍ୟବସ୍ଥା ନାହିଁ । ଏହା ଦର୍ଶାଯାଇଥିଲା ଯେ, କାର୍ଡ ଗୁଡିକୁ ପୁନଃସକ୍ରିୟ କରିବା ପାଇଁ ଅବା ନୂତନ କାର୍ଡ ପ୍ରଦାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ପୁରୁଣା କାର୍ଡ ଗୁଡିକର ସମାଲୋଚନାତ୍ମକ ସମୀକ୍ଷା କିମ୍ବା ରଦ୍ଦି କରାଯିବ ।

ଏହା ସୁପାରିଶ କରାଗଲା ଯେ, ରାଜ୍ୟ ସରକାର ଏହି ଅପବ୍ୟୟର ଉତ୍ତରଦାୟୀ ନିର୍ଣ୍ଣୟ କରନ୍ତୁ । ବିଭାଗ ରୁପେ କିଷାନ କାର୍ଡ ବ୍ୟବହାର ପାଇଁ କୃଷକ ସଭ୍ୟଙ୍କ ବିସ୍ତୃତ ବିବରଣୀ ପରୀକ୍ଷା ନିରୀକ୍ଷାର ମୌଳିକ ଆବଶ୍ୟକତାକୁ ନିଶ୍ଚିତ ନ କରି ନୂତନ ବ୍ୟବସ୍ଥାର ପ୍ରଣୟନ କରିବାରୁ, ସେଗୁଡିକ ସକ୍ରିୟ କରିବାରେ ଏବଂ ଅନ୍ୟ ଭିତ୍ତିଭୂମିର ଆବଶ୍ୟକତାକୁ ନିଶ୍ଚିତ କରିବାରେ ବିଫଳ ହୋଇଥିଲେ ଯାହା ରାଜକୋଷ ଉପରେ 17.43 କୋଟି ଟଙ୍କାର ଅତିରିକ୍ତ ବୋଝ ଲଦିଥିଲା । ଯାହା ଏକ ଅପବ୍ୟୟ ଥିଲା ।

## 8.1.2.3 ଜମିର ବିସ୍ତୃତ ବିବରଣୀ ସଠିକ୍ ଯାଞ୍ଚ ବିନା ଫସଲ ଋଣ ର ମଞ୍ଜୁରୀ

କେ.ସି.ସି. ସର୍ତ୍ତାବଳୀ ନିର୍ଦ୍ଧାରିତ କରେ ଯେ, କୃଷକକୁ ଫସଲ ଋଣର ମଞ୍ଜୁରୀ ତାର ଜମି ପରିମାଣ ଉପରେ ନିର୍ଭର କରେ ଓ ଏହା ପାଞ୍ଚ ବର୍ଷ ପାଇଁ ବୈଧ । ଯଦି ଜଣେ ଚାଷୀ ସଦସ୍ୟ ତାର ଜମି ବିକ୍ରୀ କରେ, ଅତିରିକ୍ତ ଭୂସମ୍ପତ୍ତି ଅଧିକାର କରେ, ବିଭିନ୍ନ ଫସଲର ଚାଷର ପ୍ରଣାଳୀ ବଦଳାଏ, ତେବେ ଋଣର ମାତ୍ରାରେ ପରିବର୍ତ୍ତନ ହୁଏ । ପାକ୍ସର ସଦସ୍ୟ ଜମିର ବିସ୍ତୃତ ବିବରଣୀ ପାକ୍ସର ସଚିବଙ୍କୁ ପ୍ରଦାନ କରିବେ ଯିଏ କି ଚାଷୀଙ୍କ ଦସ୍ତଖତ ନେଇ ଜମି ବିବରଣୀ ଜମି ରେଜିଷ୍ଟର ରେ ରେକର୍ଡ଼ଭୁକ୍ତ କରିବେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରାଧିକୃତ ପଦାଧିକାରୀ ମଧ ଜମିର ବିସ୍ତୃତ ବିବରଣୀର ସଠିକତା ଜମି ରେଜିଷ୍ଟରରୁ ପରୀକ୍ଷା କରିବେ ଏବଂ ପରୀକ୍ଷାର ପ୍ରମାଣ ସ୍ୱରୂପ ନିଜର ଦସ୍ତଖତ କରିବେ । ସଦସ୍ୟ କୃଷକମାନଙ୍କୁ ପାସବୁକ୍ ଓ ଚେକ୍ ପ୍ରଦାନ କରାଯାଇଛି ଯାହାଦ୍ୱାରା ସେମାନେ ଦରକାର ବେଳେ ସଙ୍ଗେ ସଙ୍ଗେ ଡି.ସି.ସି.ବି.ର ଶାଖା ମାନଙ୍କରୁ ଟଙ୍କା ଉଠାଇ ପାରିବେ ଏବଂ ସେମାନଙ୍କ ସୁବିଧାନୁସାରେ କିମ୍ବା ଫସଲ ଅମଳ ସମୟରେ ପାକ୍ସ କିମ୍ବା ଡି.ସି.ସି.ବି.ର ଶାଖାରେ ପରିଶୋଧ କରିପାରିବେ ।

93 ସ୍ୱୟଂଚାଳିତ ଟଙ୍କା ପ୍ରଦାନକାରୀ ଯନ୍ତ୍ର

ଅଡିଟ୍ 27 ଟି ପାକ୍ସର 39,165 ଜମି ରେକର୍ଡ ମଧ୍ୟରୁ 6,991 ଟି ର ନମୁନା ଯାଞ୍ଚ କରି ଦେଖିଲେ ଯେ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ସେପରି କୌଣସି ପରୀକ୍ଷା କରାଯାଇନାହିଁ । ଅଡିଟ୍ ଜମି ରେଜିଷ୍ଟରରେ ଉଲ୍ଲେଖି ହୋଇଥିବା 55 କୃଷକ ସଦସ୍ୟଙ୍କ 171 ଜମିର ରେକର୍ଡ ସମୀକ୍ଷା କରି ଦେଖିଲେ ଯେ, 71 ଟି କେସ୍‌ରେ ଚାଷୀ ଦେଇଥିବା ଜମିର ବିବରଣୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଚାଳିତ ହେଉଥିବା ଭୂଲେଖ ତଥ୍ୟ ସହ ମେଳ ଖାଉନାହିଁ ।

ସରକାର ଏହି ତଥ୍ୟ ସ୍ୱୀକାର କରି କହିଲେ (ନଭେମ୍ବର 2020) ଯେ, ରାଜସ୍ୱ ବିଭାଗର ଅଧିକାରୀଙ୍କ ଅନିଚ୍ଛା ଏବଂ ଅଭାବ ଯୋଗୁଁ ଯାଞ୍ଚ ହୋଇପାରିନଥିଲା। ସରକାର କହିଲେ ଯେ ପାକ୍ସର ଜମି ନଥିର ତଥ୍ୟ ସହ ଭୂଲେଖୀ ପୋର୍ଟାଲର ସଂଯୋଗୀକରଣ ନିମନ୍ତେ ପଦକ୍ଷେପ ନିଆଯିବ । ଯଦିଓ ଜମି ରେକର୍ଡ ଗୁଡିକୁ ଡିଜିଟାଇଜ୍ କରି ଡିମାଟେରିଆଲ୍ ଆକାରରେ ଗଚ୍ଛିତ ରଖିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମିଳିତ ଭାବେ ସମ୍ପାଦନର ପ୍ରଚେଷ୍ଟା କରାଯାଇଛି, ପାକ୍ସ ମାନେ କୃଷି ଋଣ ଦେବା ପୂର୍ବରୁ ସେହି ରେକର୍ଡର ଉପଯୋଗ କରିନଥିଲେ ।

ଏହା ସୁପାରିଶ କରାଗଲା ଯେ ରାଜ୍ୟ ସରକାର ଅଡିଟ୍ ଦର୍ଶାଇଥିବା 71 ଟି କେସ୍ ଯେଉଁଠି ଜମି ବିବରଣୀର ଅସାମଞ୍ଜସ୍ୟତା ଥିଲା ସେଠାରେ ନିର୍ଭର ପ୍ରତିଶ୍ରୁତି ହାସଲ କରିବା ସହ ଅନ୍ୟ କେସ୍‌ର ଚିହ୍ନଟ କରି ଯେଉଁଥିରେ ଅଯୋଗ୍ୟ ଚାଷୀମାନଙ୍କୁ ଋଣ ପ୍ରଦାନର ସଂଭାବନା ଅଛି ସେଠାରେ ଆବଶ୍ୟକ ପଦକ୍ଷେପ ସୁନିଶ୍ଚିତ କରିପାରନ୍ତି । ପ୍ରବଞ୍ଚନା ରୋକିବା ପାଇଁ ରାଜ୍ୟ ସରକାରଙ୍କ ଯେଉଁ ଅଧିକାରୀ ମାନେ ବିନା ଜମି ରେକର୍ଡ ଯାଞ୍ଚରେ କୃଷି ଋଣ ପ୍ରଦାନ କରିଥିଲେ ତାଙ୍କ ଉପରେ ଦାୟିତ୍ୱବୋଧତା ଧାର୍ଯ୍ୟ କରିପାରନ୍ତି ।

ଅଡିଟ୍ ମଧ ଜାଣିଲା ଯେ ମାର୍ଚ୍ଚ 2015 ସମାପ୍ତ ବର୍ଷର ସମବାୟ ବିଭାଗର ଯୋଜନା ଗୁଡିକ ଉପରେ କରାଯାଇଥିବା କାର୍ଯ୍ୟ ସମ୍ପାଦନ ସମୀକ୍ଷା ପ୍ରତିବେଦନର ଅନୁଚ୍ଛେଦ 2.1.6.3 ରେ ସମାନ ପ୍ରକ୍ରିୟାଗତ / ଧାରା ର ଅଭାବ ଦର୍ଶାଯାଇଥିଲା, ଯେଉଁଠି ବିଭାଗ ପ୍ରତିଶୃତି ଦେଇଥିଲା ଯେ ଅଡିଟ୍ ଦର୍ଶାଇଥିବା ମନ୍ତବ୍ୟ ଗୁଡିକୁ ପରୀକ୍ଷା କରି ପଦକ୍ଷେପ ନିଆଯିବ, ତଥାପି ଏହି ଅନିୟମିତତା ଚାଲୁ ରହିଛି ।

## 8.1.2.4 କୃଷି ସେବା କେନ୍ଦ୍ର ଗଠନରେ ବିଳମ୍ବ

ଓଡିଶା ସରକାର, ସରକାରୀ ଘରୋଇ ଭାଗିଦାରୀ ରେ ପାକ୍ସ ଓ ଲ୍ୟାମ୍ପସ୍ ଗୁଡିକରେ 150ଟି କୃଷି ସେବା କେନ୍ଦ୍ର(ଏ.ଏସ.ସି.)ର ଗଠନ ନିମନ୍ତେ 9.00 କୋଟି ଟଙ୍କା ମଞ୍ଜୁର (ନଭେମ୍ବର 2013) କରିଥିଲେ । କୃଷିଜାତ ଦ୍ରବ୍ୟର ଉତ୍ପାଦନ/ଉତ୍ପାଦକତା ବୃଦ୍ଧି କରିବା ପାଇଁ, କୃଷକ ମାନଙ୍କୁ କୃଷି ଉପକରଣ ଭଡା ସୂତ୍ରରେ ଯୋଗାଇବା ଓ କୃଷି ସମ୍ବନ୍ଧୀୟ ସେବା ଗୋଟିଏ ଛାତ ତଳେ ପ୍ରଦାନର ସୁବିଧା କରିବା ଏ.ଏସ.ସି. ଗୁଡିକର ଉଦ୍ଦେଶ୍ୟ ଥିଲା । ଏଥି ନିମନ୍ତେ କୃଷି ଉପକରଣର ପ୍ରଭାବୀ ବ୍ୟବହାର ପାଇଁ ସମବାୟ ବିଭାଗଙ୍କୁ ମାନକ ପରିଚାଳନା ପ୍ରକ୍ରିୟା (ଏସ.ଓ.ପି.) ଚୁଡାନ୍ତ କରିବାର ଥିଲା, ଯାହାକି, ବୈଷୟିକ କର୍ମଚାରୀଙ୍କୁ ନିଯୁକ୍ତି, କୃଷି ଉପକରଣର ଭଡା ଦର ସ୍ଥିର କରିବା, ରକ୍ଷଣା ବେକ୍ଷଣ ନିମନ୍ତେ ନିଯୁକ୍ତି ଓ କୃଷି ଉପକରଣ ରଖିବା ନିମନ୍ତେ ଗୃହର ନିର୍ମାଣ ଅଟେ ।

ନଥିପତ୍ରର ଯାଞ୍ଚରୁ ଜଣାଗଲା (ଅକ୍ଟୋବର 2019) ଯେ, ଯେହେତୁ ସରକାରୀ-ଘରୋଇ ଭାଗିଦାରୀରେ ଏକ ଘରୋଇ ସଂସ୍ଥାକୁ ଏ ପ୍ରକାର କାର୍ଯ୍ୟ ନ୍ୟସ୍ତ କରିବା ଠିକ୍ ହୋଇପାରିଲା ନାହିଁ, ଆର.ସି.ଏସ. , ଓ.ଏସ.ସି.ବି. ମାଧ୍ୟମରେ ଏହି କାର୍ଯ୍ୟ ଓ.ଏ.ଆଇ.ସି. ଙ୍କୁ ନ୍ୟସ୍ତ କଲା । ଆର.ସି.ଏସ. 9.00 କୋଟି ଟଙ୍କା ଓ.ଏସ.ସି.ବି. ଙ୍କ ନିକଟରେ (ନଭେମ୍ବର 2013) ଜମା କଲା, ଏବଂ ପରବର୍ତ୍ତୀ କାଳରେ ନିଷ୍ପତ୍ତି ନେଲା (ଫେବୃଆରୀ 2017) ଯେ, କେବଳ 100 ଟି ଏ.ଏସ.ସି. ର ଗଠନ ପାକ୍ସ/ଲାମ୍ପସ୍ ସ୍ତରରେ ହେବ, ଯାହାର ନିର୍ଦ୍ଧାରିତ ନିର୍ମାଣ ସମାପ୍ତି ସମୟ ମାର୍ଚ୍ଚ 2017 ଥିଲା । ତାହା ଛଡା, ଜାତୀୟ କୃଷି ଓ ଗ୍ରାମୀଣ ବ୍ୟାଙ୍କ (ନାବାର୍ଡ) ମଧ 5.43 କୋଟି ଟଙ୍କା ଏ.ଏସ.ସି. ଗଠନ ନିମନ୍ତେ ଓ.ଏସ.ସି.ବି.କୁ ମଞ୍ଜୁର କରିଥିଲେ । ଓ.ଏସ.ସି.ବି. 100ଟି ଏ.ଏସ.ସି. ଗଠନ ପାଇଁ ସମସ୍ତ 14.43 କୋଟି ଟଙ୍କା ଓ.ଏ.ଆଇ.ସି. ଙ୍କୁ ପ୍ରଦାନ (ଜୁନ 2018) କରିଥିଲେ ।

ସମୀକ୍ଷାରୁ ଜଣାଗଲା ଯେ, ଓ.ଏ.ଆଇ.ସି. 100 ଟି ପାକ୍ସ ଓ ଲ୍ୟାମ୍ପ୍‌ସ ମଧ୍ୟରୁ 31 କୁ 5.19 କୋଟି ଟଙ୍କାର କୃଷି ଉପକରଣ ଯୋଗାଇଥିଲେ (ଜାନୁଆରୀ ରୁ ଫେବୃଆରୀ 2019) । ତେବେବି, ଯୋଜନା କାର୍ଯ୍ୟକାରୀ ହେବାର ପାଞ୍ଚ ବର୍ଷ ପରେ ମଧ କୌଣସି ଏ.ଏସ.ସି. ଗଠନ ହୋଇପାରି ନଥିଲା । ବିଭାଗ ମଧ ଏସ.ଓ.ପି. ଚୁଡାନ୍ତ

କରିବାରେ ବିଫଳ ହୋଇଥିଲେ ଏବଂ 31ଟି ପାକ୍ସ/ଲାମ୍ପସ କୁ ଯୋଗାଯାଇଥିବା କୃଷି ଉପକରଣର ବ୍ୟବହାର ଅଭିଳଷିତ ହେଲାନାହିଁ । ତେଣୁ କୃଷି ସଂବନ୍ଧୀୟ ସେବା ଯୋଗାଇ କୃଷିଜାତ ଦ୍ରବ୍ୟର ଉତ୍ପାଦନ/ଉତ୍ପାଦକତା ବୃଦ୍ଧି ପାଇଁ ଯେଉଁ ଉଦ୍ଦେଶ୍ୟ ରଖାଯାଇଥିଲା ତାହା ପୂରଣ ହେଲା ନାହିଁ ।

ସରକାର ରାଜି ହେଲେ (ଡିସେମ୍ବର 2019) ଯେ କୃଷି ଉପକରଣ କେବଳ 31ଟି ପାକ୍ସ/ଲାମ୍ପସ୍ କୁ ଯୋଗାଇ ଦିଆଯାଇଛି ଏବଂ ନାବାର୍ଡ ଦ୍ୱାରା ଋଣ ମଞ୍ଜୁରୀ ହେଲା ପରେ ବଳକା 69 ପାକ୍ସ/ଲାମ୍ପସ୍ କୁ ଏହା ଯୋଗାଇ ଦିଆଯିବ । ଯାହାହେଉ, ବିଦାୟୀ ସମ୍ମିଳନୀରେ ସଚିବ ସମବାୟ ବିଭାଗ ଜଣାଇଲେ, ଏହି ଯୋଜନା ସମାଲୋଚନାତ୍ମକ ଭାବେ ଦେଖାଯିବ ଯେହେତୁ ବର୍ତ୍ତମାନ କୃଷିସାମଗ୍ରୀ/ଯନ୍ତ୍ର ପାଇଁ ଅନେକ ନୂତନ ଯୋଜନା ଉପଲବ୍ଧ ଅଛି ।

ଅଡିଟ୍ ସୁପାରିଶ କରେ ଯେ ଏହି ପରିକଳ୍ପନାର ପୁନର୍ବାଲୋକନ ଅଗ୍ରାଧିକାର ଭିତ୍ତିରେ ସରିବା ଦରକାର, ତାହା ହେଲେ ଓ.ଏ.ଆଇ.ସି. ପାଖରେ ଅବ୍ୟବହୃତ ଥିବା 9.24 କୋଟି ଟଙ୍କା ଯାହାକି ଅଭିଳଷିତ ଲକ୍ଷ୍ୟ ପାଇଁ ଡିସେମ୍ବର 2019 ସୁଦ୍ଧା ବ୍ୟବହୃତ ହେଲା ନାହିଁ, ତାହା ଅତ୍ୟୁତ୍ତମ ଭାବେ ବ୍ୟବହୃତ ହୋଇପାରିବ । କ୍ଷତିକୁ ଏଡାଇବା ପାଇଁ 31ଟି ପାକ୍ସ/ଲାମ୍ପସ୍ କୁ ଦିଆଯାଇଥିବା 5.19 କୋଟି ଟଙ୍କା ମୂଲ୍ୟର ଉପକରଣ ଯଥାସମ୍ଭବ ବ୍ୟବହାର ନିଶ୍ଚିତ କରାଯିବା ଆବଶ୍ୟକ କିମ୍ବା ବିକଳ୍ପ ବ୍ୟବହାରର ସ୍ଥିର କରାଯିବା ଆବଶ୍ୟକ ।

## 8.1.3 କୃଷକ ମାନଙ୍କୁ ରିହାତି ସମ୍ପ୍ରସାରଣ ରେ ସାମର୍ଥ୍ୟ

### 8.1.3.1 ବିପର୍ଯ୍ୟୟ ପ୍ରଭାବିତ ଚାଷୀଙ୍କୁ ସହାୟତାର ଅସମ୍ପ୍ରସାରଣ

ନାବାର୍ଡ ସର୍ତ୍ତାବଳୀ (ଅଗଷ୍ଟ 2015) ର ଅନୁଚ୍ଛେଦ 4 ସହିତ ଅବଲୋକନୀୟ ଅନୁଚ୍ଛେଦ 9 ଅନୁସାରେ, ରାଜ୍ୟ ସରକାର ମରୁଡି, ବନ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ, ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ପ୍ରଭାବିତ କ୍ଷେତ୍ରର ଫସଲ ଅମଳର ଆକଳନ ଆଧାରରେ ଅଣାଓ୍ୱାରୀ ସାର୍ଟିଫିକେଟ ପ୍ରଦାନ କରିଥାନ୍ତି । ରାଜ୍ୟ ସରକାର ମଧ୍ୟ ଚାଷୀଙ୍କ ଠାରୁ ରାଜସ୍ୱ ଓ ଅନ୍ୟାନ୍ୟ ସରକାରୀ ଦେୟର ଛାଡ/ନିଲମ୍ବନ ଘୋଷଣା କରିବେ ଯାହାଦ୍ୱାରା ବ୍ୟାଙ୍କ ମଧ୍ୟ ପ୍ରଭାବିତ ଚାଷୀଙ୍କୁ ଋଣର ପରିବର୍ତ୍ତନ, ପୁନଃନିର୍ଦ୍ଧାରଣ କରି ଚାଷୀମାନଙ୍କୁ ସହାୟତା ସଂପ୍ରସାରଣ କରିପାରିବେ । ସ୍ୱଳ୍ପମିଆଦି ଋଣକୁ ମଧ୍ୟମ ମିଆଦି ଋଣରେ ରୁପାନ୍ତର ବେଳେ ବ୍ୟାଙ୍କ ପରିଶୋଧ ନିମନ୍ତେ ସର୍ବୋଚ୍ଚ ଦୁଇରୁ ପାଞ୍ଚ ବର୍ଷ ର ଅବଧି ଦେଇଥାନ୍ତି । ରୁପାନ୍ତର/ପୁନଃନିର୍ଦ୍ଧାରଣ ହୋଇସାରିଥିବା ଋଣ ଉପରେ ବ୍ୟାଙ୍କ ଅତିରିକ୍ତ ସୁଧ ଲାଗୁ କରିନପାରେ ଏବଂ ଯଦି ଏହି ସୁଧ ଲାଗୁକରାଯାଇଥାଏ ତେବେ ଏହାକୁ ଛାଡ କରିବା ପାଇଁ ବିଚାର କରିପାରେ ।

ନଥିପତ୍ର ଯାଞ୍ଚ ରୁ ଜଣାଗଲା ଯେ, ଆରଏବଂଡିଏମଡି ନୋଟିସ ଦ୍ୱାରା (11 ମାର୍ଚ୍ଚ 2016) 27 ଟି ଜିଲ୍ଲାର 233 ବ୍ଲକ ଏବଂ 55ପୌରପାଳିକା ଅଧିନର 404 ୱାର୍ଡ ଅଧିନରେ 29,077 ଗ୍ରାମକୁ ମରୁଡି ପ୍ରଭାବିତ ଘୋଷଣା କଲେ ଏବଂ ଖରିପ ଋତୁ 2015 ରେ 33 ପ୍ରତିଶତ ର ଅଧିକ ଫସଲ ହାନି ସହିଥିଲେ । ଚାଷୀ ମାନଙ୍କୁ ମଧ୍ୟମ ମିଆଦି ଋଣ ର ସୁବିଧା ହାସଲ କରିବା ରେ ସକ୍ଷମ କରାଇବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ଅଣାଓ୍ୱାରୀ ସାର୍ଟିଫିକେଟ 31 ମାର୍ଚ୍ଚ 2016 ସୁଧା ପ୍ରଦାନ କରିବାର ଥିଲା ।

ତେବେବି, ଦେଖାଗଲା ଯେ ବରଗଡ ଜିଲ୍ଲାକୁ ଛାଡି ଅନ୍ୟ କୌଣସି ଜିଲ୍ଲା ଖରିଫ 2015 ର ଅଣାଓ୍ୱାରୀ ସାର୍ଟିଫିକେଟ ପ୍ରଦାନର ଆବଶ୍ୟକୀୟ କାର୍ଯ୍ୟ 31ମାର୍ଚ୍ଚ 2016 ଯାହାକି ଖରିଫ୍ 2015 ର ଶେଷ ସମୟ ସୁଧା ସାରିନଥିଲେ ।

ଫଳସ୍ୱରୁପ, ଖରିଫ୍ 2015 ରେ ଦିଆଯାଇଥିବା ସ୍ୱଳ୍ପ ମିଆଦି ଋଣ ମଧ୍ୟମ ମିଆଦି ଋଣ ରେ ରୁପାନ୍ତର ହୋଇପାରିନଥିଲା । ଏହା ଦେଖାଗଲା ଯେ ଆରସିଏସ ସମବାୟ ବିଭାଗର ଅନୁମତି ରେ (31ମାର୍ଚ୍ଚ 2016) ଖରିଫ 2015 ରେ ଦିଆଯାଇଥିବା ଫସଲ ଋଣ ପରିଶୋଧ ର ସମୟ ସୀମାକୁ 30 ସେପ୍ଟେମ୍ବର 2016 କୁ ସଂପ୍ରସାରଣ କରିଥିଲେ । ଓଏସସିବି ଆକଳନ କରିଥିଲେ (ଅକ୍ଟୋବର 2015) ଯେ, ପ୍ରଭାବିତ ହୋଇଥିବା ଜିଲ୍ଲାମାନଙ୍କରେ ଖରିଫ୍ 2015 ରେ ଦିଆଯାଇଥିବା 2,500 କୋଟି ଟଙ୍କାର ସ୍ୱଳ୍ପ ମିଆଦି ଋଣ କୁ ମଧ୍ୟମ ମିଆଦି ଋଣ ରେ ରୁପାନ୍ତର କରାଯାଇପାରିବ । ଏହା ମଧ୍ୟରେ 32.01 ଲକ୍ଷ ଆଶାକରାଯାଉଥିବା ହିତାଧିକାରୀ

କୃଷକଙ୍କ ମଧ୍ୟରୁ 24.06 ଲକ୍ଷ କୃଷକ (75.16 ପ୍ରତିଶତ) ଓଏସ୍‌ସିବି ଦର୍ଶାଇଥିବା ସୁଧ ତଣ୍ଡରୁ ବଞ୍ଚିବା ପାଇଁ ଋଣର ପରିଶୋଧ କରିସାରିଥିଲେ । ତେଣୁ ଜିଲ୍ଲାପାଳ ମାନଙ୍କ ଦ୍ୱାରା ଅଣାଓ୍ୱାରୀ ସାର୍ଟିଫିକେଟ ପ୍ରଦାନ ନହେବାରୁ ଯୋଜନା ଅଧିନ୍‌ରେ 2,500 କୋଟି ଟଙ୍କା ସହ୍ମମିଆଦି ଋଣ ମଧମ ମିଆଦି ଋଣରେ ରୁପାନ୍ତର ହୋଇପାରିଲା ନାହିଁ ଏବଂ ଋଣଗ୍ରସ୍ତ ଚାଷୀଙ୍କୁ ରୁପାନ୍ତର ସୁବିଧାରୁ ବଞ୍ଚିତ କରାଗଲା ।

ସରକାର ତଥ୍ୟକୁ ସ୍ୱୀକାର କରି କହିଲେ (ଡିସେମ୍ବର 2019) ଯେ, ଯେହେତୁ ଅଣାଓ୍ୱାରୀ ଘୋଷଣା ଠିକ୍ ସମୟରେ ହୋଇନଥିଲା, ଅମଳ ହୋଇନଥିବା ଫସଲର ପ୍ରଭୁତ କ୍ଷତି ହୋଇଥିବା ସତ୍ତ୍ୱେ ଋଣ ର ରୁପାନ୍ତରୀକରଣ କରାଯାଇପାରି ନଥିଲା । ସରକାର ପୁଣି କହିଲେ ଯେ ନାବାର୍ଡର ନୀତି ଅନୁଯାୟୀ ମଧ୍ୟମ ଅବଧି ଋଣର ସୁଧଦର ଅଧିକ ଥିବାହେତୁ ଚାଷୀ ସ୍ୱଳ୍ପ ଅବଧି ଋଣ ର ରୁପାନ୍ତର ଚାହିଁଲେ ନାହିଁ । ଅଡିଟ୍ ପରାମର୍ଶ ଦେଲେ ଯେ, ଏହି ଉତ୍ତର ଓ ବର୍ତ୍ତମାନର ସ୍ଥିତି କୁ ପୁନଃ ଅବଲୋକନ କରିବା ଦରକାର ଯେହେତୁ ସର୍ତ୍ତାବଳୀ ରେ ରୁପାନ୍ତର ହୋଇଥିବା ଋଣର ସୁଧ ଲାଗୁ ହୋଇଥିଲେ ବି ଅତିରିକ୍ତ ସୁଧ ର କୌଣସି ବ୍ୟବସ୍ଥା ନାହିଁ । ଖରିଫ 2010 ଋତୁରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ହୋଇଥିବା ଫସଲ କ୍ଷତି/ନଷ୍ଟ ନିମନ୍ତେ ଓଏସସିବି କୁ ସୁଧ ରହିତ ଋଣ ଏବଂ ନାବାର୍ଡକୁ ଗ୍ୟାରାଣ୍ଟି ର ନିଶ୍ଚିତତା ମଧ ସରକାର ଅନ୍ୟ ଏକ ସମାନ ପରିସ୍ଥିତି ରେ ନିୟମ ଅନୁଯାୟୀ କରିଥିଲେ । ଏହା ମାର୍ଚ୍ଚ 2015 ରେ ସମାପ୍ତ ବର୍ଷ ପାଇଁ ସିଏଜି ଙ୍କ ସମୀକ୍ଷା ପ୍ରତିବେଦନ[94] ର ପରିଚ୍ଛେଦ 2.1.6.8 ରେ ଦର୍ଶାଯାଇଥିଲା ।

ଅଡିଟ ମଧ ପରାମର୍ଶ ଦିଏ ଯେ ସମବାୟ ବିଭାଗ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଜିଲ୍ଲାପାଳ ଙ୍କ ମଧରେ ସମନ୍ୱୟର ଅଭାବ ଯାହାକି ଅଦ୍ୟାବଧି ଜାରୀଅଛି , ତାହା ଶୀଘ୍ର ସମାଧାନ ହେବା ଦରକାର ଯେହେତୁ ଏହାଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ କୃଷକମାନଙ୍କୁ ଋଣ ରୁପାନ୍ତର ର ସୁବିଧା ଓ ସହାୟତା ଯୋଗାଯାଇ ପାରୁନାହିଁ । ଏହି ସମନ୍ୱୟ ର ଅଭାବ ଓ ଅଣାଓ୍ୱାରୀ ସାର୍ଟିଫିକେଟ ଠିକ ସମୟରେ ପ୍ରଦାନ ନ କରିବା (ଘୂର୍ଣ୍ଣିବାତ୍ୟା ପରବର୍ତ୍ତୀ ଏବଂ ଅକ୍ଟୋବର 2010 ରେ ଅଦିନିଆ ବର୍ଷା ଏବଂ 2013 ର ତୀବ୍ର ଘୁର୍ଣ୍ଣିବାତ୍ୟା ) ସମବାୟ ବିଭାଗ ଯୋଜନା କୁ ନେଇ ହୋଇଥିବା କାର୍ଯ୍ୟ ସମ୍ପାଦନ ସମୀକ୍ଷା ମାର୍ଚ୍ଚ 2015 ରେ ସମାପ୍ତ ବର୍ଷର ସିଏଜିଙ୍କ ସମୀକ୍ଷା ପ୍ରତିବେଦନ(ଆର୍ଥିକ କ୍ଷେତ୍ର) ର ଅନୁଚ୍ଛେଦ 2.1.6.8 ର ଏକ ଅଂଶ ରେ ଦର୍ଶାଯାଇଛି । ତେବେବି ଏତେ ବର୍ଷର ବ୍ୟବଧାନ ପରେ ମଧ ଏହି ସମସ୍ୟା ରହିଛି ।

### 8.1.3.2 କୃଷକଙ୍କ ଜମାଖାତା ରେ ଟଙ୍କା ପ୍ରଦାନ ବିନା କୃଷି ଋଣର ମଞ୍ଜୁରୀ ଏବଂ ଅନିୟମିତ ଭାବେ ସୁଧର ରିହାତି ଦାବି

ଅଡିଟ୍ ନଅଟି ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାର 27 ଟି ପାକ୍ସ ଏବଂ ଡିସିସିବିର ନଅଟି ଶାଖାର ଡେ ବୁକ୍ ଅନୁଧାନ କରି ଦେଖିଲେ ଯେ 2014-18 ବର୍ଷ ମଧରେ 445.26 କୋଟି ଟଙ୍କା 1,56,024 ଟି ଚାଷିଙ୍କୁ କୃଷି ଋଣ ଆକାରେ ପ୍ରଦାନ ହୋଇଥିବା ଦର୍ଶାଯାଇଥିଲା । ଉପରୋକ୍ତ ଟଙ୍କା ମଧରୁ 172.96 କୋଟି ଟଙ୍କା(38.84 ପ୍ରତିଶତ) 59,696 ଟି କୃଷକଙ୍କୁ ପୁର୍ବର କୃଷିଋଣ ପରିଶୋଧ ନିମନ୍ତେ ପ୍ରଦାନ କରାଯାଇଥିଲା । ଏହି ପ୍ରକ୍ରିୟାରେ ବିନା ଅର୍ଥ ପ୍ରବାହରେ ପୁରୁଣା ଋଣକୁ ବ୍ୟବସ୍ଥିତ କରିବା ପାଇଁ ନୂତନ ଋଣର ମଞ୍ଜୁରୀ କେବଳ କାଗଜ କଲମ ରେ ସୀମିତ ଥିଲା । ପରିଣାମତଃ, ଓଏସସିବି ଏହାକୁ ନେଇ ନୂତନ କୃଷିଋଣ ପ୍ରଦାନର ସଫଳତା ବିବୃତ କରିଥିଲା । **(ପରିଶିଷ୍ଟ-III)** ।

ଅଡିଟ୍ 405 କୃଷକଙ୍କ (ନମୁନା ଯାଞ୍ଚ ହୋଇଥିବା ପ୍ରତିଟି ପାକ୍ସ ରୁ 15ଟି ଚାଷୀ) ସହ କଥାବାର୍ତ୍ତା ହୋଇ ଜଣାଇଲେ ଯେ ନୂତନ କୃଷି ଋଣ ମଞ୍ଜୁରୀ ବାବଦରେ କୌଣସି ଟଙ୍କା ସେମାନଙ୍କ ଜମା ଖାତା କୁ ଆସିନଥିଲା । ପଣାସ ପାକ୍ସର ସଚିବ/ ମୁଖ୍ୟ ନିର୍ବାହୀ ସ୍ୱୀକାର କଲେ ଯେ, ଏହି ପ୍ରକ୍ରିୟା ଚାଷୀମାନଙ୍କ ଦ୍ୱାରା ଋଣର ପରିଶୋଧକୁ ସୁଗମ କରିବା, ଏବଂ ତତ୍ ପରବର୍ତ୍ତୀ ବ୍ୟାଙ୍କମାନଙ୍କ ଦ୍ୱାରା ଋଣରିହାତିର ଦାବୀ ନିମନ୍ତେ ଉଦ୍ଧିଷ୍ଟ ଥିଲା (ମାମଲାର ଅଧ୍ୟୟନ)

[94] ଆର୍ଥିକ କ୍ଷେତ୍ର, ଓଡିଶା ସରକାର 2015 ବର୍ଷର ପ୍ରତିବେଦନ ସଂଖ୍ୟା 5

**ମାମଲାର ଅଧ୍ୟୟନ**

ପଣାସ ପାକ୍ସର ସଚିବ/ମୁଖ୍ୟ କାର୍ଯ୍ୟନିର୍ବାହୀ 155 ଜଣ କୃଷକଙ୍କ ଏକ ଚିଠା ପ୍ରସ୍ତୁତ କରିଥିଲେ ଯେଉଁମାନଙ୍କଠାରୁ ଫସଲ ଋଣ ଓ ସୁଧ ବାବଦକୁ 49,48,851.00 ଟଙ୍କା କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ସିସିସିବି) ଯାଜପୁର ଶାଖା ରେ ପରିଶୋଧ କରିବାର ଦେୟ (19 ଜୁନ 2017 ) ଥିଲା । କୃଷକମାନଙ୍କ ଠାରୁ ପ୍ରକୃତରେ ସମୁଳସୁଧ ଆଦାୟ ନହୋଇ ସେହିଦିନ ଏହି ଟଙ୍କା ବ୍ୟାଙ୍କ ରେ ଏକ ଚାଲାଣ ମାଧମରେ ଜମାହୋଇଥିବା ଦର୍ଶାଯାଇଥିଲା। ବ୍ୟାଙ୍କ କୃଷକଙ୍କ ପୁରୁଣା ଋଣ ବାବଦକୁ ପରିଶୋଧ କରିବାକୁ ଥିବା ଟଙ୍କାର ସମପରିମାଣ ଟଙ୍କା ନୂତନ କୃଷିଋଣ ହିସାବରେ ମଞ୍ଜୁରୀ କରିଥିଲା । ଅଡିଟ୍ ସିସିସିବି ଯାଜପୁର ଶାଖାର ସପ୍ଲିମେଣ୍ଟାରୀ ଡେ ବୁକ୍ ଯାଞ୍ଚ କରି ପାଇଲା ଯେ ପଣାସ ପାକ୍ସର 49,48,851.00 ଟଙ୍କାର କୃଷିଋଣ ସମୂଳସୁଧ ଆଦାୟ ହୋଇଥିବା ରେକର୍ଡଭୂକ୍ତ ହୋଇଥିଲା ଏବଂ ସମପରିମାଣର ଟଙ୍କା ସେହି ଦିନ ନୂତନ କୃଷି ଋଣ ହିସାବରେ ସମାନ କୃଷକଙ୍କୁ ପ୍ରଦାନ ହୋଇଥିବା ଦର୍ଶାଯାଇଥିଲା । ସଚିବ/ ମୂଖ୍ୟ ନିର୍ବାହୀ ମଧ ବିନା ନେଣଦେଣରେ ଋଣ ଟଙ୍କା ମିଳିଥିବା ଏବଂ ପ୍ରଦାନ ହୋଇଥିବା କୃଷକଙ୍କ ଋଣଖାତା ଏବଂ କେସିସିରେ ଦର୍ଶାଇଥିଲେ ।

ସରକାର ତଥ୍ୟକୁ ସ୍ୱୀକାର କରି କହିଲେ (ଡିସେମ୍ବର 2019) ଯେ, ପାକ୍ସ ଫସଲ ବିକ୍ରୀ ଲବ୍ଧ ଅର୍ଥ କୃଷକଙ୍କ ଋଣଖାତା ରେ ଜମା ହେବାର ଲକ୍ଷ୍ୟ ରଖି ଫସଲ ଅମଳ ଋତୁରେ ଫସଲ ଋଣର ଦେୟ ଦିବସ ଧାର୍ଯ୍ୟ କରନ୍ତି । ଯେହେତୁ ଫସଲ ସଂଗ୍ରହ ସମୟରେ ଫସଲ ବିକ୍ରୀ ଲବ୍ଧ ଅର୍ଥ କୃଷକଙ୍କ ଋଣଖାତା ମାଧମରେ କାରବାର ହୁଏନାହିଁ କୃଷକଙ୍କ ଋଣ ପରିଶୋଧ ପାଇଁ ଆୟର ଅନ୍ୟ ରାସ୍ତା ନଥିବା ହେତୁ ଋଣଖାତା ଅତ୍ୟଧିକ ବାକିଆ ହେବ । ତାହାଛଡା, ଋଣ ଖିଲାପ କଲେ କୃଷକଙ୍କୁ ଦଣ୍ଡନୀୟ ସୁଧ ଦେବାକୁ ପଡିବ। ସେମାନଙ୍କ ଋଣଖାତା ବି ଅନାଦେୟ ସମ୍ପତ୍ତିରେ ପରିଣତ ହେବ । ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ମଧ ବୀମା ଦାବି ରାଶି ଋଣଖାତା ମାଧମ ରେ କାରବାର ହେଉନାହିଁ । ଏହି ପରିସ୍ଥିତି ରେ ପ୍ରାୟ ବହୁତ କୃଷକ ସେମାନଙ୍କ ପୁରୁଣା ଋଣ ପରିଶୋଧ ନୂତନ ଋଣରାଶିରୁ କରିଥାନ୍ତି ।

ସମବାୟ ବିଭାଗ ସଚିବ ପ୍ରସ୍ଥାନ ସମ୍ମିଳନୀ ରେ କହିଲେ ଯେ କୃଷକଙ୍କ ବ୍ୟାଙ୍କ ଜମାଖାତା ମାଧମରେ ସମସ୍ତ ନେଣଦେଣର କାରବାର ନିଶ୍ଚିତ କରିବା ପାଇଁ ପଦକ୍ଷେପ ଆରମ୍ଭ କରାଯାଇଅଛି।

ଉପରୋକ୍ତ ପ୍ରତ୍ୟୁତ୍ତର ଅନୁଯାୟୀ, ସରକାରଙ୍କୁ ତତ୍କାଳ ସଂସ୍ଥାଗତ ନିଷ୍ପତ୍ତି ଗୁଡିକ (ସାଧାରଣ ବ୍ୟାଙ୍କ ଜମାଖାତା ହେଉ,କିମ୍ବା ଅନ୍ୟ କିଛି ସହାୟତା) ପୁନଃଅବଲୋକନ କରିବା ଦରକାର ଯାହା ସମ୍ପୂର୍ଣ୍ଣ ଭାବେ ସମସ୍ୟାଟିକୁ ଉଭୟ କୃଷକ ଓ ବ୍ୟାଙ୍କ ଦୃଷ୍ଟିକୋଣରୁ ସମାଧାନ କରିପାରିବ । ଓଏସସିବି ଏବଂ ଅନ୍ୟ ବ୍ୟାଙ୍କ ଗୁଡିକର ପରିଚାଳନା ଦକ୍ଷତା ବୃଦ୍ଧିପାଇଁ ଅନାଦେୟ ସମ୍ପତି ରେ ରୁପାନ୍ତର ହେବାର ସଂଭବନା ଥିବା ଋଣର ପୃଥକ ଭାବେ ଯାଞ୍ଚ ହେବା ଦରକାର । ପୁରୁଣା ଋଣର ପରିଶୋଧ ନିମନ୍ତେ ନୂତନ ଋଣର ମଞ୍ଜୁରୀ କରିବା ଋଣପ୍ରଦାନର କୌଣସି ବିଜ୍ଞ ଉପାୟ ନୁହେଁ ଏବଂ ଏହା କୃଷକମାନଙ୍କର ଚିରସ୍ଥାୟୀ ଭାବେ ଋଣଗ୍ରସ୍ତ ହେବାର ସହଜାତ କ୍ଷତିଭୟ ଓ ପରିଶେଷରେ ସମବାୟ ବ୍ୟାଙ୍କ ଗୁଡିକ ପାଇଁ ଅନାଦେୟ ସମ୍ପତ୍ତିରେ ପରିଣତ ହେବାର ଭୟ ବହନ କରେ । ସୁଧର ନ୍ୟାଯ୍ୟ ରିହାତି ମଞ୍ଜୁରୀ ପାଇଁ ସରକାର ଏହି ସବୁ ମାମଲା ଏବଂ ଅନ୍ୟ ପାକ୍ସ ଗୁଡିକରେ ଋଣର ସର୍ବଦା ନବୀକରଣ ମାମଲା ଗୁଡିକର ପୁନଃ ଅବଲୋକନ କରିବା ଉଚିତ୍।

### 8.1.3.3 ଓ.ଏସ.ସି.ବି. ଦ୍ୱାରା ଅତ୍ୟଧିକ ସୁଧ ରିହାତିର ଦାବୀ

କୃଷକମାନଙ୍କୁ ସହଜ ରିହାତି ସୁଧ ହାରରେ ସ୍ୱଳ୍ପ ମିଆଦି ଫସଲ ଋଣ ଉପଲବ୍ଧ କରି ଦେଶରେ କୃଷିଜାତର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ସୁଧର ରିହାତି ଯୋଜନାର ଉଦ୍ଦେଶ୍ୟ ଥିଲା । ଓଡିଶା ସରକାର ସମବାୟ ବ୍ୟାଙ୍କ ମାନଙ୍କୁ ରିହାତି ସୁଧଦର ର ଭରଣା ଆର୍ଥିକ ସହାୟତା ମାଧମ ରେ କରୁଥିଲେ ।

ରାଜ୍ୟ ସରକାର ସୁଧ ରିହାତିର ନୂତନ ନୀତିର ଅନୁମୋଦନ (ଡିସେମ୍ବର 2013) ନିମ୍ନଲିଖିତ ପ୍ରକାର ଭିତ୍ତିରେ କରିଥିଲେ (କ) ଏସ.ଟି.ସି.ସି.ଏସ. କୁ ନାବାର୍ଡର ପୁନଃଋଣ ଅଂଶ ଉପରେ ସମଦରରେ ବାର୍ଷିକ 3.75 ପ୍ରତିଶତ ସୁଧର ରିହାତି ପ୍ରଦାନ (ଖ) ସମବାୟ ବ୍ୟାଙ୍କ ଗୁଡିକର ନିଜସ୍ୱ ପାଣ୍ଠି ଉପରେ ସମଦରରେ ଏସ.ଟି.ସି.ସି.ଏସ. ମାନଙ୍କୁ ବାର୍ଷିକ 5.5 ପ୍ରତିଶତ ସୁଧ ରିହାତି ।

ସୁଧ ରିହାତି ଦାବୀ ପ୍ରସ୍ତାବର ସର୍ତ୍ତାବଳୀ ଅନୁସାରେ ପାକ୍ସଗୁଡିକୁ ଧାରଗ୍ରାହୀ ଅନୁଯାୟୀ ବାର୍ଷିକ ଫସଲ ଋଣ ଯୋଗାଣର ସମୁଦାୟ ପ୍ରତକ୍ଟର[95] ଏକ ବିବରଣୀ ପ୍ରସ୍ତୁତ କରିବା ଦରକାର ଏବଂ ଓ.ଏସ.ସି.ବି. ତା ବଦଳରେ ଏହି ଦାବୀ ଓଡିଶା ସରକାରଙ୍କୁ ଦେବେ । ଖରିଫ୍ ଓ ରବି ଋତୁ ଫସଲ ଋଣ ପରିଶୋଧର ଧାର୍ଯ୍ୟ ଦିନ ଯଥାକ୍ରମେ 31 ମାର୍ଚ୍ଚ ଓ 30 ଜୁନ ଅଟେ । ବ୍ୟାଙ୍କ ସେମାନଙ୍କ ଦାବୀ ଅର୍ଦ୍ଧ ବାର୍ଷିକ କିମ୍ବା ବାର୍ଷିକ ଭିତ୍ତିରେ କରିପାରନ୍ତି ।

2014-18 ବର୍ଷ ମଧ୍ୟରେ ଓ.ଏସ.ସି.ବି. 39,133.88 କୋଟି ଟଙ୍କା (ନାବାର୍ଡ ଠାରୁ ପୁନଃ ଅର୍ଥଯୋଗାଣ 19,155.77 କୋଟି ଟଙ୍କା ଓ 19,978.11 କୋଟି ଟଙ୍କା ଓ.ଏସ.ସି.ବି. ଏବଂ ଡି.ସି.ସି.ବି.ର ନିଜସ୍ୱ ପାଣ୍ଠିରୁ) ଫସଲ ଋଣ ବାବଦରେ କୃଷକ ମାନଙ୍କୁ ପ୍ରଦାନ କରିଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

**ସାରଣୀ ସଂଖ୍ୟା 8.3 ଓଏସସିବି ଦ୍ୱାରା ସୁଧର ରିହାତିର ଅଧିକ ଦାବୀ ର ବିବରଣୀ**

**(ଟଙ୍କା କୋଟିରେ)**

| ବର୍ଷ | ଫସଲ ଋଣ ପ୍ରଦିତ | ନାବାର୍ଡର ପୁନଃ ଅର୍ଥଯୋଗାଣ | ନିଜସ୍ୱ ପାଣ୍ଠି (ଓ.ଏସ.ସି.ବି. ଏବଂ ଡି.ସି.ସି.ବି.) | ଓ.ଏସ.ସି.ବି. ଦ୍ୱାରା ଜି.ଓ.ଓ. ଙ୍କୁ ମୋଟ ସୁଧ ରିହାତିର ଦାବୀ | ରିହାତି ର ମୋଟ ପ୍ରାପ୍ୟ | ଓ.ଏସ.ସି.ବି ଦ୍ୱାରା ମୋଟ ଅଧିକ ଦାବୀ | ଜି.ଓ.ଓ. ଦ୍ୱାରା ଓ.ଏସ.ସି.ବି କୁ ପ୍ରଦତ୍ତ ରିହାତିର ପରିମାଣ | ଓ.ଏସ.ସି.ବି. କୁ ଅଧିକ ଦିଆଯାଇଥିବା ମୋଟ ଅର୍ଥର ପରିମାଣ |
|---|---|---|---|---|---|---|---|---|
| 2014-15 | 8,351.11 | 4,450.00 | 3,901.11 | 323.38 | 252.95 | 70.43 | 323.38 | 70.43 |
| 2015-16 | 9,572.22 | 4,200.00 | 5,372.12 | 413.70 | 317.77 | 95.93 | 413.70 | 95.93 |
| 2016-17 | 10,204.81 | 5,875.00 | 4,329.81 | 459.03 | 343.85 | 115.18 | 424.65 | 80.80 |
| 2017-18 | 11,005.74 | 4,630.77 | 6,375.07 | 489.52 | 379.00 | 110.52 | 489.52 | 110.52 |
| ମୋଟ | **39,133.88** | **19,155.77** | **19,978.11** | **1,685.63** | **1,293.57** | **392.06** | **1,651.25** | **357.68** |

**(ଉତ୍ସ:ଅଡିଟ ଦ୍ୱାରା ସଂକଳିତ)**

ଉପରୋକ୍ତ ସାରଣୀ ରୁ ଜଣାଗଲା ଯେ ଓ.ଏସ.ସି.ବି. ଏହି ଚାରିବର୍ଷରେ ତୃଣମୂଳ ସ୍ତରରେ ବଣ୍ଟନ ହୋଇ ଥିବା ଫସଲ ଋଣ ଉପରେ 1,685.63 କୋଟି ଟଙ୍କାର ସୁଧ ରିହାତି ଦାବୀ କରିଥିଲେ ଯେଉଁଥିରେ 392.06 କୋଟି ଟଙ୍କା ଧାର୍ଯ୍ୟ ତାରିଖ ବାହାରେ ଅଧିକ ଦାବି ଥିଲା । ଅକ୍ଟୋବର 2019 ସୁଦ୍ଧା ସରକାର ଏହି 392.06 କୋଟି ଟଙ୍କାର ଅଧିକ ଦାବୀ ମଧ୍ୟରୁ 357.68 କୋଟି ଟଙ୍କା ଓ.ଏସ.ସି.ବି. କୁ ଦେଇସାରିଥିଲେ, ଯାହା ଫଳରେ ଓ.ଏସ.ସି.ବି. କୁ ଏହା ଅହେତୁକ ଅନୁକମ୍ପା ପ୍ରଦାନ ହେଲା ।

ପୂର୍ବରୁ ମାର୍ଚ୍ଚ 2015 ରେ ସମାପ୍ତ ବର୍ଷ ପାଇଁ ସିଏଜିଙ୍କ ଆର୍ଥିକ କ୍ଷେତ୍ର ସମୀକ୍ଷା ପ୍ରତିବେଦନ ରେ ସମବାୟ ବିଭାଗର ଯୋଜନା କୁ ନେଇ ହୋଇଥିବା ସମ୍ପାଦନ ସମୀକ୍ଷା ର ଅନୁଚ୍ଛେଦ 2.1.6.6 ରେ ଏହା ଦର୍ଶାଯିବା ପରେ ସରକାର ଏହି ପ୍ରକ୍ରିୟାର ପରିବର୍ତ୍ତନର ଆଶ୍ୱାସନା ଦେଇଥିଲେ (ଅକ୍ଟୋବର 2015)। ତେବେବି, ସରକାର ଓ.ଏସ.ସି.ବି. ଦ୍ୱାରା ଦିଆଯାଇଥିବା ଉତ୍ତରକୁ ସମର୍ଥନ କଲେ ଯାହା ଦର୍ଶାଉଥିଲା (ଡିସେମ୍ବର 2019) ଯେ ତୃଣମୂଳ ସ୍ତରରୁ ପରିଶୋଧ ଏବଂ ପାକ୍ସ ଦ୍ୱାରା ଦାଖଲ ହେଉ ବା ନ ହେଉ ଓ.ଏସ.ସି.ବି. କୁ ସମସ୍ତ ଅନୁଦାନ ର ପରିମାଣ ପରିଶୋଧ କରିବାକୁ ହେବ, ଯେହେତୁ ବାକି ଥିବା ଋଣ ଡିସିସିବି ଏବଂ ଓଏସସିବି ସ୍ତରରେ ଋଣ ପ୍ରଦାନ ତାରିଖ ଠାରୁ 12 ମାସ ପର୍ଯ୍ୟନ୍ତ ରହିଥାଏ । ତେଣୁ ଋଣ ରିହାତି ହିସାବ ସମସ୍ତ ବାକିଆ ଦେୟ ଉପରେ ହିସାବ କରାଯାଏ । ଏହି ଉତ୍ତର ସମର୍ଥନୀୟ ନୁହେଁ ଯେହେତୁ ଋଣ ରିହାତି ର ହିସାବ12 ମାସର ସମୟ କୁ ନ ନେଇ ତଳ ସ୍ତରରେ ଋଣ ର ବିତରଣ ଦିନ ଠାରୁ ପରିଶୋଧ ର ପ୍ରକୃତଦିନ କିମ୍ବା ପରିଶୋଧ ର ଧାର୍ଯ୍ୟ ଦିନ ଯାହା ପ୍ରଥମେ ପଡିବ ତାକୁ ନେଇ ହେବା ଦରକାର । ଏହା ସୁପାରିଶ କରାଯାଏ ଯେ ଓ.ଏସ.ସି.ବି. କୁ ସୁଧର ରିହାତି ହିସାବ ତଳ ସ୍ତରରେ ଋଣ ବାକିଥିବା ପ୍ରକୃତ ସମୟକୁ ନେଇ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଉ । ତାହାଛଡା, ସରକାର ଓ.ଏସ.ସି.ବି. ଦ୍ୱାରା ପଠାଯାଉଥିବା ଦାବୀ ଗୁଡିକୁ ଯାଞ୍ଚ କରିବା ପାଇଁ ଏକ ଉପଯୁକ୍ତ ବ୍ୟବସ୍ଥାର ଆରମ୍ଭ କରିପାରନ୍ତି ।

[95] ବାତ୍ୟା,ବନ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ପରେ ଆର.ଏଚ୍.ଡି.ଏମ.ଡି. ଦ୍ୱାରା ଫସଲ ଆମଦାନୀ (ଏକ ସାଧାରଣ ବର୍ଷର ହାରାହାରି ଆମଦାନୀ ର 50 ପ୍ରତିଶତରୁ କମ୍)କୁ ଭିତ୍ତି କରି ଦିଆଯାଉଥିବା ପ୍ରମାଣପତ୍ର

## 8.1.4 କମ୍ପ୍ୟୁଟରୀ କରଣ ଏବଂ ନେଟୱାର୍କିଙ୍ଗ୍ ର ସୁବିଧା

### 8.1.4.1 ପାକ୍ସ ଗୁଡିକର କମ୍ପ୍ୟୁଟରୀକରଣ ରେ ବିଳମ୍ବ

କୃଷକ ସଦସ୍ୟ ମାନଙ୍କୁ କମ୍ପ୍ୟୁଟର ବ୍ୟବହାର ମାଧ୍ୟମରେ ଉନ୍ନତ ସେବାର ପ୍ରଦାନ, ପାକ୍ସ ଗୁଡିକର ଆର୍ଥିକ କାରବାରର ସଠିକ କାର୍ଯ୍ୟକ୍ଷମ ର ସୁବିଧା, ଏବଂ ରାଜ୍ୟର କୃଷକ ପରିବାରର ଏକ ସୂଚନା ପରିଚାଳନା ବ୍ୟବସ୍ଥା କରିବାର ଲକ୍ଷ୍ୟ ରଖି ଓଡିଶା ସରକାରଙ୍କ ଅର୍ଥ ବିଭାଗ 2,528 ପାକ୍ସର କମ୍ପ୍ୟୁଟରୀକରଣର ଅନୁମୋଦନ (ଜୁନ୍ 2014) କରିଥିଲେ । ପାକ୍ସର କମ୍ପ୍ୟୁଟରୀକରଣ କୋର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବ ଯଦ୍ୱାରା ସଦସ୍ୟ କୃଷକ ମାନଙ୍କୁ ଇ-ବ୍ୟାଙ୍କିଙ୍ଗ୍ ସୁବିଧା ହାସଲ କରିବା, ଋଣ ରିହାତିରେ ସଠିକ୍ ହିସାବ ଇତ୍ୟାଦି ସୁବିଧା ହେବ। ତଦନୁସାରେ ଆର.ସି.ଏସ. 2013-14 ଏବଂ 2014-15 ବର୍ଷ ମଧ୍ୟରେ ପାକ୍ସ ଗୁଡିକର କମ୍ପ୍ୟୁଟରୀକରଣର ଯୋଜନା ବାବଦରେ 48.77 କୋଟି ଟଙ୍କାର ପାଣ୍ଠି ଓ.ଏସ.ସି.ବି. କୁ ଯୋଗାଇଥିଲେ ଯାହା ମାର୍ଚ୍ଚ 2015 ସୁଦ୍ଧା ସରିବାରଥିଲା । ଓ.ଏସ.ସି.ବି. ସେପ୍ଟେମ୍ବର 2019 ସୁଦ୍ଧା କଂପ୍ୟୁଟର ହାର୍ଡୱାର ସି.ବି.ଏସ. ସଫ୍ଟୱେର, ଡାଟା ଏଣ୍ଟ୍ରୀ ଅପରେଟର ନିୟୋଜନ ଇତ୍ୟାଦି ବାବଦରେ 47.23 କୋଟି ଟଙ୍କା ଖର୍ଚ୍ଚ କରିଥିଲା ।

ଅଡିଟ୍ ନଅଟି ନମୁନା ଯାଞ୍ଚ ଜିଲ୍ଲା ମଧ୍ୟରୁ ଚାରୋଟି ଜିଲ୍ଲାର ଡି.ସି.ସି.ବି. ର ନଥିପତ୍ର ଯାଞ୍ଚ କରି ଦେଖିଲେ ଯେ 1,116 ପାକ୍ସ ମଧ୍ୟରୁ ମାତ୍ର 1,069 ପାକ୍ସରେ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା । ଯଦିଓ 1,025 ପାକ୍ସରେ ଭାଉଚର ଗୁଡିକର ଲିଖନ/ ଡାଟାର ଆଦାନ ପ୍ରଦାନ ହୋଇସାରିଥିଲା ଦୁର୍ବଳ ନେଟୱାର୍କ ଯୋଗୁଁ କୌଣସି ଦୈନନ୍ଦିନ ଅନଲାଇନ ଦେଣନେଣ ଏହି ପାକ୍ସ ଗୁଡିକରେ ହେଉନଥିଲା (ଅଗଷ୍ଟ 2019)। ଯେହେତୁ ପରୀକ୍ଷା ଯାଞ୍ଚ ହୋଇଥିବା 27 ଟି ପାକ୍ସ ମଧ୍ୟରୁ କୌଣସିଟିରେ କମ୍ପ୍ୟୁଟରୀକରଣ କିମ୍ବା ନେଟ୍ୱାର୍କିଂ ବ୍ୟବସ୍ଥା ହୋଇନଥିଲା, ଅଡିଟ୍ ଲକ୍ଷ୍ୟ କଲେ ଯେ

- କୃଷକମାନେ ଟଙ୍କା ଉଠାଣ ନିମନ୍ତେ ନିଜେ ପାକ୍ସ କୁ ଯାଉଥିଲେ
- ପାକ୍ସ ସୂଚନା ପରିଚାଳନା ବ୍ୟବସ୍ଥାର ଡାଟାବେସକୁ ବ୍ୟବହାର ନକରି ହାତଲେଖା ଖାତା ପ୍ରଚଳନ କରିଥିଲେ
- କୃଷି ନିମନ୍ତେ ଦିଆଯାଇଥିବା ଋଣ ରାଶିକୁ ଉଠାଣ ପାଇଁ ପାକ୍ସ ମଧ୍ୟ କୃଷକଙ୍କ ନଥିପତ୍ର ମନୁଷ୍ୟକୃତ ଭାବେ ଯାଞ୍ଚ କରୁଥିଲେ ।

ତାହାଛଡା, ପାକ୍ସ ଗୁଡିକର କମ୍ପ୍ୟୁଟରୀକରଣ ହୋଇନଥିବା ଯୋଗୁଁ ଫସଲ ଋଣ ପ୍ରଦାନରେ ହେରଫେର ହୋଇଥିବା ଦୁଇଟି ଡି.ସି.ସି.ବି.ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜଣାଇଥିଲେ (ଡିସେମ୍ବର 2017 ଏବଂ 2018) ।

ଦୁଇଟି ମାମଲାର ଅଧ୍ୟୟନ ନିମ୍ନ ରେ ଦିଆଗଲା:

**ମାମଲାର ଅଧ୍ୟୟନ**

*I. ଖରିଫ ଋତୁ 2018ରେ ଜଗତସିଂହପୁର ଜିଲ୍ଲା ଅଧୀନସ୍ଥ ଜପା ପାକ୍ସ ନଅଟି କୃଷକ ସଦସ୍ୟଙ୍କ ଫସଲ ଋଣ ର ନବୀକରଣ (ଅଗଷ୍ଟ 2018)ରେ କରିଥିଲେ । ଋଣ ଉଠାଣ ବିବରଣୀ (ଫର୍ମ 17) ଅନୁଯାୟୀ, ଋଣର ନବୀକରଣ ନିମନ୍ତେ 3,54,750 ଟଙ୍କାର ଋଣ ପାକ୍ସ ଅନୁମୋଦନ କରିଥିଲେ (ଅଗଷ୍ଟ 2018)। ଯାହାହେଲେ ମଧ୍ୟ, ଜାପା ପାକ୍ସର ସଚିବ କାରସାଦି କରି ସେହି ନଅ ଜଣ କୃଷକଙ୍କ ପୂର୍ବ ଫସଲ ଋଣ ପରିଶୋଧ ର ବିବରଣୀ (ଫର୍ମ 22) 3,54,750 ଟଙ୍କା ବଦଳରେ 25,750 ଟଙ୍କା ପ୍ରଦାନ (ଅଗଷ୍ଟ 2018) କରିଥିଲେ । ଏହିପରି, ଜପା ପାକ୍ସର ସଚିବ 3,29,000 ଟଙ୍କା ଆତ୍ମସାତ୍ କରିଥିଲେ ଯାହାର ଅନୁସନ୍ଧାନ ଚାଲିଅଛି ।*

*II. କେ.ସି.ସି. ସର୍ତ୍ତାବଳୀ ଅଧୀନ ପ୍ରକ୍ରିୟା ଅନୁଯାୟୀ ଋଣର ଉଠାଣି ନିମନ୍ତେ ଋଣୀ କୃଷକ ନିଜର ସଠିକ ପରିଚୟ ପତ୍ର ସହ ଶାଖା ଅଧିକାରୀଙ୍କୁ ଚେକ୍ ଦାଖଲ କରିବା ଦରକାର । ଯାଜପୁର ଜିଲ୍ଲାର ଦାହୁଣ୍ଡା ପାକ୍ସର ତତ୍କାଳୀନ ସଚିବ 2011 ରୁ 2015 ବର୍ଷ ମଧ୍ୟରେ ଚେକ୍ ମାଧ୍ୟମରେ ଋଣରାଶି ଉଠାଣି କରିବା ବଦଳରେ ଜାଲ୍ ଉଠାଣି ସ୍ଲିପ ମାଧ୍ୟମରେ ଋଣୀ କୃଷକଙ୍କ ପାଇଁ ମଞ୍ଜୁରୀ ହୋଇଥିବା 4.67 କୋଟି ଟଙ୍କା ବ୍ୟାଙ୍କ୍ ପରିଚାଳକ ଡି.ସି.ସି.ବି. ଭୋଗରାଇ ଶାଖାଙ୍କ ସହାୟତାରେ ଉଠାଣି କରିଥିଲେ । ଏହି ସମସ୍ତ ରାଶି ଦାହୁଣ୍ଡା ପାକ୍ସର ତତ୍କାଳୀନ ସଚିବ ସେହି ବ୍ୟାଙ୍କ ପରିଚାଳକଙ୍କ ଭିତିରି ସହଯୋଗରେ ଆତ୍ମସାତ୍ କରିଥିବା ଦର୍ଶାଯାଇଥିଲା ଏବଂ ତାଙ୍କ ବିରୁଦ୍ଧରେ ଏକ ଭିଜିଲାନ୍ସ ମାମଲା ଚାଲୁ ରହିଛି ।*

ଯଦିଓ ଆର.ସି.ଏସ. ଙ୍କ ଠାରୁ ସମସ୍ତ ଆତ୍ମସାତ୍ ମାମଲା ଗୁଡିକର ସଂଖ୍ୟା ମଗାଯାଇଥିଲା ତାହା ଅଡିଟ୍‌କୁ ଡିସେମ୍ବର 2019 ସୁଦ୍ଧା ଦିଆଯାଇନଥିଲା ।

ଦେଣନେଣର ବଳିଷ୍ଠ ବ୍ୟବସ୍ଥାକୁ ସକ୍ଷମ କରିବା ପାଇଁ ପାକ୍ସର କଂପ୍ୟୁଟରୀକରଣ ଅତିଶୀଘ୍ର ଶେଷ ହେବା ଦରକାର ଏବଂ ଇ-ବ୍ୟାଙ୍କିଙ୍ଗ୍ ଇତ୍ୟାଦିର ସୁବିଧା ସହ କୋର ବ୍ୟାଙ୍କିଙ୍ଗ୍‌ର ବ୍ୟବସ୍ଥାରେ ସାମିଲ କରିବା ଦରକାର । ଏହା ସହିତ ହେରଫେର ପାଇଁ ଦାୟୀ ଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ।

## 8.1.4.2 ପାକ୍ସର କଂପ୍ୟୁଟରୀକରଣ ନିମନ୍ତେ ଭିସାଟ୍ ମାଧ୍ୟମରେ ସଂଯୋଗୀକରଣର ଅସମାପ୍ତି

ପାକ୍ସରେ ଭି-ସାଟ୍‌ର[96] ଯୋଗାଯୋଗ କୃଷକମାନଙ୍କୁ ରୁପେ କିଷାନ କାର୍ଡ ମାଧ୍ୟମରେ ଏ.ଟି.ଏମ. ବ୍ୟବହାର ପାଇଁ ସକ୍ଷମ କରାଇଥାଏ । ଏହି ପ୍ରକଳ୍ପର ପ୍ରଣୟନ ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର.କେ.ଭି.ୱାଇ.) ରୁ 12.65 କୋଟି ଟଙ୍କା ମଞ୍ଜୁରୀ (ଜାନୁଆରୀ 2017) ହୋଇଥିଲା । ଆର.ସି.ଏସ୍. ତିନିବର୍ଷ ମଧ୍ୟରେ 581 ଟି ଭି-ସାଟ୍ ପାକ୍ସଗୁଡିକୁ ଯୋଗାଇବା ନିମନ୍ତେ ଓ.ଏସ.ସି.ବି.କୁ 7.50 କୋଟି ଟଙ୍କା (ଅପ୍ରେଲ 2018 - 4.50 କୋଟି ଏବଂ ଅପ୍ରେଲ 2019 – 3 କୋଟି) ପ୍ରଦାନ କରିଥିଲା ।

ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ଓ.ଏସ.ସି.ବି. 581 ଟି ଭି-ସାଟ୍ ର ଯୋଗାଣ, ସ୍ଥାପନା,କାର୍ଯ୍ୟକାରୀ ଏବଂ ପରିଚାଳନା ନିମନ୍ତେ ଏକ ଯୋଗାଣକାରୀ ସଂସ୍ଥାକୁ ଟେଣ୍ଡର ମାଧ୍ୟମରେ କ୍ରୟ ଆଦେଶ ଦେଇଥିଲେ (ମାର୍ଚ୍ଚ 2018) । ସେପ୍ଟେମ୍ବର 2019 ସୁଦ୍ଧା 581ଟି ମଧ୍ୟରୁ 553 ଟି ଭି-ସାଟ୍ 4.13 କୋଟି ଟଙ୍କା ଖର୍ଚ୍ଚରେ ସ୍ଥାପନ କରାଯାଇଥିଲା ।

କ୍ଷେତ୍ର ପରିଦର୍ଶନ ବେଳେ ଜଣାଗଲା ଯେ, ଭି-ସାଟ୍ ସ୍ଥାପନ ହେଲା ପରେ ମଧ୍ୟ ପାକ୍ସ ଗୁଡିକ ନେଟ୍‌ୱାର୍କର ଧୀରତା ଯୋଗୁଁ ଦୈନନ୍ଦିନ କାର୍ଯ୍ୟକଳାପ (ବାସ୍ତବ ସମୟର ଦେଣନେଣ) ଗୁଡିକ ଅନ୍‌ଲାଇନ୍‌ରେ କରୁନଥିଲେ । ପର୍ଯ୍ୟାଲୋଚନାର ଅଭାବ ଯୋଗୁଁ ଭି-ସାଟ୍ ମାଧ୍ୟମରେ ପାକ୍ସ ଗୁଡିକୁ ଡାଟା କେନ୍ଦ୍ରସହ ଯୋଗାଯୋଗ ର କାମ ସରିନଥିଲା ଫଳରେ 4.13 କୋଟି ଟଙ୍କାର ଖର୍ଚ୍ଚ ନିଷ୍ଫଳ ହେଲା ।

ସରକାର ଏହି ତଥ୍ୟକୁ ସ୍ୱୀକାର କଲେ ଏବଂ କହିଲେ (ଡିସେମ୍ବର 2019) ଯେ, 581 ଟି ଭି-ସାଟ୍ ମାଧ୍ୟମରେ ସମସ୍ତ ପାକ୍ସ ଗୁଡିକୁ ଯୋଗାଯୋଗ ନିମନ୍ତେ ପଦକ୍ଷେପ ନିଆଯାଇଛି ।

## 8.1.5 ପର୍ଯ୍ୟାଲୋଚନା ଏବଂ ମୂଲ୍ୟନିର୍ଦ୍ଧାରଣ

ବିଭାଗ ଏବଂ ଅନ୍ୟ ସଂସ୍ଥାମାନଙ୍କ ଦ୍ୱାରା ହୋଇଥିବା ପର୍ଯ୍ୟାଲୋଚନା ର ନିମ୍ନଲିଖିତ ଅଭାବ ଅଡିଟ୍ ଦ୍ୱାରା ପରିଲକ୍ଷିତ ହୋଇଥିଲା :

- ଓଡିଶା ସରକାରଙ୍କ ସମବାୟ ବିଭାଗ ଆଦେଶ ଦେଲେ (ଅପ୍ରେଲ 2014) ଯେ, ଉଭୟ କୃଷକ ଏବଂ କୃଷକ ସଶକ୍ତୀକରଣ (ଉଦ୍ୟାନକୃଷି ବିଭାଗକୁ ମିଶାଇ) ଏବଂ ସମବାୟ ବିଭାଗର କ୍ଷେତ୍ର ଅଧିକାରୀ

---

[96] ଭିସାଟ୍ - ସୁଦୂର ଯାଗା ଗୁଡିକୁ ଉପଗ୍ରହ ଦ୍ୱାରା ଇଣ୍ଟରନେଟ୍ ସୁବିଧାର ବ୍ୟବସ୍ଥା ନିମନ୍ତେ ଏକ କ୍ଷୁଦ୍ର ଯନ୍ତ୍ର ଯାହା ଡିଶ୍ ଆଣ୍ଟେନା ଥିବା ଦ୍ୱିପାକ୍ଷିକ କୃତ୍ରିମ ଉପଗ୍ରହ ଅବତରଣ ସ୍ଥାନ ଅଟେ

ମାନେ ଯୁଗ୍ମ ଯାଞ୍ଚ ଦ୍ୱାରା ସେମାନଙ୍କ ଇଲାକା ଅଧୀନରେ ଥିବା ଏସ.ଟି.ସି.ସି.ଏସ. ମାଧମରେ ଦିଆଯାଇଥିବା ଫସଲ ଋଣ ଯେପରି ଅପବ୍ୟବହାର ନ ହୋଇ ଫଳପ୍ରସୁ ଉଦ୍ଦେଶ୍ୟରେ ବ୍ୟବହାର ହେବ ତାହା ନିଶ୍ଚିତ କରିବା ଦରକାର । ଅଡିଟ୍ ଡି.ଆର.ସି.ଏସ./ଏ.ଆର.ସି.ଏସ. ର ଯାଞ୍ଚ ରୁ ଜାଣିଲେ ଯେ 2014-18 ବର୍ଷ ମଧ୍ୟରେ ପରୀକ୍ଷା ଯାଞ୍ଚ ହୋଇଥିବା ନଅଟି ଜିଲ୍ଲାରେ କୌଣସି ଭୌତିକ ଯାଞ୍ଚ ହୋଇନାହିଁ । ପରିଣାମତଃ, ମନନ ହୋଇଥିବା ସଂକ୍ରିୟା ଏସ.ଟି.ସି.ସି.ଏସ. ମାଧ୍ୟମରେ ପ୍ରଦତ୍ତ ଫସଲ ଋଣର ଫଳପ୍ରସୁ ଉପଯୋଗକୁ ସୁନିଶ୍ଚିତ କରିପାରିନଥିଲା । ଓଡିଶା ସରକାର ଜଣାଇଲେ (ଡିସେମ୍ବର 2019) ଯେ, ଫସଲ ଋଣର ସୁ-ଉପଯୋଗର ସୁନିଶ୍ଚିତତା ପାଇଁ ବ୍ଲକରେ ସମବାୟ ସଂପ୍ରସାରଣ ଅଧିକାରୀ ଏବଂ ଗ୍ରାମରେ କୃଷି କର୍ମୀଙ୍କୁ ଉତ୍ତରଦାୟୀ କରାଯାଇଥିଲା ।

ଏହି ଉତ୍ତରଟି ଗ୍ରହଣଯୋଗ୍ୟ ନୁହେଁ ଯେହେତୁ କୌଣସି ଯୁଗ୍ମଯାଞ୍ଚ ହୋଇନଥିବା ଏ.ଆର.ସି.ଏସ. ନିଶ୍ଚିତ କରିଥିଲେ ।

- ଯଦିଓ ପାକ୍ସର ଋଣ ଖାତାରେ ବାକି ଅବଧିକୁ ଆଧାର କରି ପ୍ରଦତ୍ତ ଋଣ ର ପ୍ରଡକ୍ଟ ରେକର୍ଡଭୁକ୍ତ କରିବା ପାଇଁ ଏକ ବିହିତ ସ୍ତମ୍ଭ ଅଛି ଏହା ପରୀକ୍ଷା ଯାଞ୍ଚ ହୋଇଥିବା କୌଣସି ପାକ୍ସର ଋଣ ଖାତାର ସ୍ତମ୍ଭରେ ରେକର୍ଡଭୁକ୍ତ ହୋଇନଥିଲା । ଚାରୋଟି ପରୀକ୍ଷାଯାଞ୍ଚ ହୋଇଥିବା ଡି.ସି.ସି.ବି.ର ସମସ୍ତ ନଅଟି ଶାଖା ପରିଚାଳକ ରାଜିହେଲେ ଯେ ବ୍ୟକ୍ତିଗତ ଋଣ ହିସାବ ଅନୁସାରେ ସୁଧରିହାତିର ହିସାବ ହୋଇନଥିଲା। ଏ.ଆର.ସି.ଏସ. ମାନଙ୍କ ଦ୍ୱାରା ପର୍ଯ୍ୟାଲୋଚନା ର ଅଭାବ ଯୋଗୁଁ ପାକ୍ସ ମାନଙ୍କୁ ଋଣ ଖାତାର ସଠିକ୍ ଭାବେ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇନଥିବାରୁ ଓ.ଏସ.ସି.ବି. ମାଧମରେ ଡି.ସି.ସି.ବି. କରିଥିବା ସୁଧ ରିହାତି ଦାବୀର ସତ୍ୟାସତ୍ୟର ଭରସା ଅଡିଟ୍ ପାଇପାରିନଥିଲା ।

- ଏହା ଦେଖାଯାଇଥିଲା ଯେ ସମବାୟ ବିଭାଗ ଆର୍ଥିକ ଓ ଭୌତିକ ପ୍ରଗତି, ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ଯୋଜନାର ସଫଳତା, ଯୋଜନା ସର୍ତ୍ତାବଳୀରେ ଦର୍ଶାଯାଇଥିବା କାର୍ଯ୍ୟକଳାପର ରିପୋର୍ଟ ଦାଖଲ ଇତ୍ୟାଦିର ପର୍ଯ୍ୟାଲୋଚନା ନିମନ୍ତେ ସୂଚନା ପରିଚାଳନା ପ୍ରଣାଳୀ ବ୍ୟବସ୍ଥାର ପ୍ରଚଳନ କରୁନଥିଲେ । ଯେହେତୁ ପାକ୍ସ ଗୁଡିକର କମ୍ପ୍ୟୁଟରୀକରଣ ଅସଂପୂର୍ଣ୍ଣ ଥିଲା, ଦିଆଯାଇଥିବା ଫସଲ ଋଣର ପ୍ରକୃତ ସମୟ ଆର୍ଥିକ ପ୍ରଗତିର, ହୋଇଥିବା ପରିଶୋଧ, ଋଣଛାଡ ଦାବୀର ସତ୍ୟତା, ରୁପେ କିଷାନ କାର୍ଡ ଚାଲୁ ନ ହେବା, ଇତ୍ୟାଦି ଜାଣିବା ପାଇଁ ଯୋଗାଯୋଗର କୌଣସି ବ୍ୟବସ୍ଥା ନଥିଲା ।

  ସରକାର ସମବାୟ ବିଭାଗରେ ସୂଚନା ପରିଚାଳନା ବ୍ୟବସ୍ଥା ଚାଲୁ ନ ହେବାର କୌଣସି କାରଣ ଦର୍ଶାଇ ନଥିଲେ, କିନ୍ତୁ କହିଲେ, (ଡିସେମ୍ବର 2019) ଯେ ଓ.ଏସ.ସି.ବି. ର ଏକ ଡାଟା କେନ୍ଦ୍ର ଅଛି ଯେଉଁଠାରୁ ସେମାନେ ସହଜରେ ଯୋଜନାର ସଫଳତାର ପ୍ରଗତି ଜାଣିପାରିବେ ।

  ଓ.ଏସ.ସି.ବି. ର ଡାଟା କେନ୍ଦ୍ର ତାର ଶାଖା ଏବଂ ଡି.ସି.ସି.ବି. ସହିତ ସଂଯୋଗ ହୋଇଥିଲା କିନ୍ତୁ ସମସ୍ତ ପାକ୍ସ ସହ ନୁହେଁ । ଯଦି ସମସ୍ତ ପାକ୍ସର କଂପ୍ୟୁଟରୀକରଣ ଏବଂ ସଂଯୋଗୀକରଣ ହୋଇ କୋର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ରେ ସାମିଲ ନ ହୁଏ, ଯୋଜନାର ଆର୍ଥିକ ଓ ଭୌତିକ ପ୍ରଗତିର ବ୍ୟାପକ ପର୍ଯ୍ୟାଲୋଚନା ବାଧାପ୍ରାପ୍ତ ହେବ ।

  ଯୋଜନା ସର୍ତ୍ତାବଳୀରେ ଯୋଜନା ଫାଇଦାର ମୂଲ୍ୟାୟନ ନିମନ୍ତେ କୌଣସି ବ୍ୟବସ୍ଥା ନଥିଲା । ସରକାର କହିଲେ (ଡିସେମ୍ବର 2019) ଯେ, ଯୋଜନାର ଲାଭର ମୂଲ୍ୟାୟନ ମୁଖ୍ୟ ଫସଲଗୁଡିକର ଉତ୍ପାଦନରେ ବୃଦ୍ଧି ଘଟିଥିବା ତଥ୍ୟରୁ କରାଯାଇ ପାରିବ । ଫସଲ ଉତ୍ପାଦନରେ ବୃଦ୍ଧି ବହୁତ ଗୁଡିଏ କାରଣ ଉପରେ ନିର୍ଭର କରିଥାଏ । ଯୋଜନାର ନିରନ୍ତର ଏବଂ ବ୍ୟବସ୍ଥିତ ପର୍ଯ୍ୟାଲୋଚନା ଦ୍ୱାରା ଅଡିଟ୍ ଦର୍ଶାଇଥିବା ଅନେକ ଅସୁବିଧାର ସମାଧାନ ହୋଇପାରିଥାନ୍ତା ।

### 8.1.6 ଉପସଂହାର

ଅଡିଟ୍ ଦେଖିଲେ ଯେ ଯେଭଳି ମନନ କରାଯାଇଥିଲା, 27 ଟି ପରୀକ୍ଷା ଯାଞ୍ଚ ହୋଇଥିବା ପାକ୍ସରେ ଋଣ ପ୍ରଦାନ ହୋଇଥିବା କୃଷକଙ୍କ ଜମି ଦଲିଲ ର ଯାଞ୍ଚ ସେଇଭଳି ହୋଇନଥିଲା । ତେଣୁ ଜମି ରେଜିଷ୍ଟର ରେ ରେକର୍ଡଭୁକ୍ତ ହୋଇଥିବା ଜମି ବିବରଣୀର ଯଥାର୍ଥତା ଏବଂ ଫସଲ ଋଣ ନେଇଥିବା କୃଷକଙ୍କ ସତ୍ୟତା ନିଶ୍ଚିତ କରାଯାଇପାରି

ନଥିଲା, ଯାହା ଏକ ଲାଗିରହିଥିବା ଅନିୟମିତତା ଅଟେ । ପରୀକ୍ଷା ଯାଞ୍ଚ୍ କରାଯାଇଥିବା ପାକ୍ସରେ ଦେଖାଯାଇଥିଲା ଯେ 38.84 ପ୍ରତିଶତ ଋଣ ବିନା ପ୍ରଦାନରେ ନୂତନ ଋଣ ଭାବେ ଦର୍ଶାଯାଇଥିଲା ।

ଯଦିଓ ଓ.ଏସ.ସି.ବି. 18.48 ଲକ୍ଷ ରୁପେ କିଷାନ କାର୍ଡ 17.43 କୋଟି ମୂଲ୍ୟରେ ମୁଦ୍ରଣ କରିଥିଲେ କାର୍ଡର ବୈଧତା ଦିନ ସରିବା ପୂର୍ବରୁ କୌଣସି କାର୍ଡ କାର୍ଯ୍ୟକାରୀ ହୋଇପାରିନଥିଲା ଯଦ୍ୱାରା କୃଷକମାନେ କୌଣସି ଏଟିଏମ୍ କିମ୍ବା ବ୍ୟାଙ୍କ ଶାଖା ଗୁଡିକରୁ ଟଙ୍କା ଉଠାଣର ସୁବିଧା/ମୌକା ରୁ ବଞ୍ଚିତ ହୋଇଥିଲେ । ଏହି କାର୍ଡ ଗୁଡିକର ମୁଦ୍ରଣ ବାବଦକୁ ମଧ 17.43 କୋଟି ଟଙ୍କା କ୍ଷତି ହୋଇଥିଲା ।

ପର୍ଯ୍ୟାଲୋଚନାର ଅଭାବରୁ ପାକ୍ସ ଗୁଡିକର କଂପ୍ୟୁଟରୀକରଣ ଏବଂ ଭି-ସାଟ୍ ମାଧମରେ ସଂଯୋଗୀକରଣ ର ମଧ ବିଳମ୍ବ ହୋଇଥିଲା ଯାହା ଫଳରେ ଇ-ବ୍ୟାଙ୍କିଙ୍ଗ୍ ଏବଂ ଏଟିଏମ୍ ବ୍ୟବହାର ରୁ କୃଷକ ବଞ୍ଚିତ ହୋଇଥିଲେ, ଯାହା ରୁପେ କିଷାନ କାର୍ଡ ବ୍ୟବହାରର ସମ୍ପୂର୍ଣ୍ଣ ବିଫଳତାରେ ଅଂଶଦାନ କରୁଅଛି।

ଅଡିଟ୍‌ରୁ ଜଣାଗଲା କାର୍ଯ୍ୟ ସମାପ୍ତିର ଧାର୍ଯ୍ୟ ଦିନ ଠାରୁ ଦୁଇ ବର୍ଷ ପରେ ମଧ କୃଷି ସହାୟତା କେନ୍ଦ୍ରଗୁଡିକ ସ୍ଥାପନ ହୋଇ ପାରିନଥିବାରୁ ଓ.ଏସ.ସି.ବି. ଏହି ପ୍ରକଳ୍ପ ନିମନ୍ତେ 14.43 କୋଟି ଟଙ୍କା ଓ.ଏ.ଆଇ.ସି.କୁ ପ୍ରଦାନ କରିଥିବା ସତ୍ତ୍ୱେ କୃଷକମାନେ କୃଷିଯଂନ୍ତ୍ରାଂଶ ଗୁଡିକ ଭଡା ସୂତ୍ରରେ ପାଇବାରୁ ବଞ୍ଚିତ ହେଲେ।

ଓ.ଏସ.ସି.ବି. ଦ୍ୱାରା ସୁଧ ରିହାତିର ଦାବୀ ପ୍ରକୃତରେ ପ୍ରଦାନ ହୋଇଥିବା ନୂତନ ଋଣ ଉପରେ ନହୋଇ ପୁନଃ ଅର୍ଥଯୋଗାଣ ଉପରେ ହୋଇଥିଲା ।

ସିଏଜିଙ୍କ ପୂର୍ବ ପ୍ରତିବେଦନରେ ବିଭିନ୍ନ ଭୁଲ ଗୁଡିକୁ ଦର୍ଶାଯାଇଥିବା ସତ୍ତ୍ୱେ ଏହାକୁ ସୁଧାରିବା ପାଇଁ କୌଣସି ପଦକ୍ଷେପ ଆରମ୍ଭ କରାଯାଇନଥିଲା ।

## 8.1.7 ସୁପାରିଶ

- ଅଣାଓ୍ୱାରୀ ସାର୍ଟିଫିକେଟ ଠିକ ସମୟରେ ପ୍ରଦାନ ନିମନ୍ତେ ବାରମ୍ବାର ହେଉଥିବା ନିଷ୍କଳତାକୁ ସୁଧାରିଭା ନିମନ୍ତେ ଅବଶ୍ୟକ ପଦକ୍ଷେପ ଶୀଘ୍ର ଗ୍ରହଣ କରାଯିବା ଉଚିତ୍ । ସମବାୟ ବିଭାଗ ଏବଂ ଆରଏଣ୍ଡଡିଏମଡି ମଧରେ ସମନ୍ୱୟ ସ୍ଥାପନର ଆବଶ୍ୟକତା ଥିଲା । ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ କୃଷକଙ୍କୁ ସମୟୋଚିତ ଓ ଉଚିତ୍ ସହାୟତା ପ୍ରଦାନ କରିବା ପାଇଁ ଏହା ଅଗ୍ରାଧିକାର ଭିତ୍ତିରେ ଆରମ୍ଭ କରାଯାଇ ପାରେ ।

- ଯୋଜନା ପ୍ରଭାବର ପଦ୍ଧତିଗତ ଆକଳନ ନିମନ୍ତେ ସରକାର ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ/ସର୍ବେକ୍ଷଣ / ସାମାଜିକ ସମୀକ୍ଷା ସଂକ୍ରିୟା ଇତ୍ୟାଦିର ଉପଯୋଗ କରନ୍ତୁ।

- ସମିତି/ସମବାୟ ବ୍ୟାଙ୍କ ମାନଙ୍କ ଦ୍ୱାରା ବର୍ଷ ବର୍ଷ ଧରି କୃଷକମାନଙ୍କୁ ଫସଲ ଋଣର ପରିଶୋଧ ପାଇଁ ବିନା ଅର୍ଥ ପ୍ରଦାନ ରେ ନୂତନ ଫସଲ ଋଣ ର ମଞ୍ଜୁରୀ କରିବାର ଯେଉଁ ପ୍ରଥା ଆପଣା ଯାଇଥିଲା, ତାହାର ଅବଲୋକନ ଏବଂ ଅଗ୍ରାଧିକାର ଭିତ୍ତିରେ ସମ୍ବୋଧନ ହେବା ଦରକାର । ଓଏସସିବି ଏବଂ ଅନ୍ୟ ବ୍ୟାଙ୍କ ଗୁଡିକର ପରିଚାଳନା ଦକ୍ଷତା ବୃଦ୍ଧିପାଇଁ ଅନାଦେୟ ସମ୍ପତ୍ତିରେ ରୁପାନ୍ତର ହେବାର ସଂଭାବନା ଥିବା ଋଣର ପୃଥକ ଭାବେ ଯାଞ୍ଚ ହେବା ଦରକାର । ସୁଧର ନ୍ୟାଯ୍ୟ ରିହାତି ମଞ୍ଜୁରୀ ପାଇଁ ସରକାର ଏହି ସବୁ ମାମଲା ଏବଂ ଅନ୍ୟ ପାକ୍ସ ଗୁଡିକରେ ଋଣର ଚିର ନବୀକରଣ ମାମଲା ଗୁଡିକର ପୁନଃ ଅବଲୋକନ କରିବା ଉଚିତ୍।

- ରାଜ୍ୟ ସରକାରଙ୍କୁ ଅତିଶୀଘ୍ର ଓଏସସିବି ଦ୍ୱାରା ସୁଧ ରିହାତିଦାବୀର ଯାଞ୍ଚ ନିମନ୍ତେ କୌଣସି ଉପଯୁକ୍ତ ସଂକ୍ରିୟା ଆରମ୍ଭ କରିବା ଦରକାର ଏବଂ ଅଧିକ ସୁଧରିହାତିକୁ ରୋକିବା ପାଇଁ ସୁଧ ରିହାତି ଦାବୀର ପ୍ରକ୍ରିୟା ନବୀକରଣ କରିବା ଦରକାର ।

- ପାକ୍ସରେ କଂପ୍ୟୁଟରୀକରଣ ଏବଂ ଭି-ସାଟ୍ ସଂଯୋଗୀକରଣ ନିମନ୍ତେ ବହୁତ ଟଙ୍କାର ନିବେଶ ଦୃଷ୍ଟିରୁ ଯୋଜନାର ଆର୍ଥିକ ଓ ଭୌତିକ ବିକାଶର ପର୍ଯ୍ୟାଲୋଚନା, କୃଷକଙ୍କ ଦ୍ୱାରା ଜମା ହୋଇଥିବା ଜମି ଦଲିଲର ପ୍ରମାଣ ଯାଞ୍ଚ, ଫସଲ ଋଣର ଅଭିଳଷିତ ଉଦ୍ଦେଶ୍ୟରେ ବ୍ୟବହାର ହେବା, କୃଷକଙ୍କ ଦ୍ୱାରା

ପରିଶୋଧ ଏବଂ ଅଯୋଗ୍ୟ କୃଷକଙ୍କୁ ଋଣ ପ୍ରଦାନର ଶଙ୍କାକୁ ସମୋଧିତ କରିବା ଓ ପ୍ରବଞ୍ଚନା ରୋକିବା ପାଇଁ ଏହାକୁ ଭୂଲେଖ ପୋର୍ଟାଲ ସହ ସଂଯୋଗୀକରଣ କାର୍ଯ୍ୟ ଏବଂ ଆବଶ୍ୟକୀୟ ପଦ୍ଧତି ଶୀଘ୍ର ସାରିବା ଦରକାର ।

## ଜଙ୍ଗଲ ଓ ପରିବେଶ ବିଭାଗ

## 8.2 ଗଡିକାଠ ଓ ଖୁଣ୍ଟ ର ଅଣନିକାଶ

**ବନ ଖଣ୍ଡ ଅଧିକାରୀ, ଗଡିକାଠ, ଖୁଣ୍ଟ, ଏବଂ ଉଦ୍ଧାର ହୋଇଥିବା କାଠ ର ନିକାଶ ନିମନ୍ତେ ସମୟାନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହେଲେ,ଫଳରେ 1.49 କୋଟି ଟଙ୍କାର ରାଜସ୍ୱ ଅବରୋଧ ହୋଇ ରହିଲା ।**

ଚିହ୍ନଟ ହୋଇନଥିବା (ୟୁ.ଡି.) ବନ ଅପରାଧରେ ଜବତ ହୋଇଥିବା ଜଙ୍ଗଲଜାତ ଦ୍ରବ୍ୟକୁ ସର୍ବ ସାଧାରଣ ନିଲାମ ଦ୍ୱାରା ଯଥାଶୀଘ୍ର ନିକାଶ କିମ୍ବା ଓଡିଶା ବନ ଉନ୍ନୟନ ନିଗମ (ଓ.ଏଫ.ଡି.ସି) ଙ୍କୁ ରୟାଲଟି ପ୍ରଦାନ ପରେ, ତୁରନ୍ତ ବିତରଣ କରାଯିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାର ଅନୁଦେଶ (ଅଗଷ୍ଟ 2005) ଦେଇଥିଲେ । ରାଜସ୍ୱ ହାନି ରୋକିବା ଏବଂ ଦୀର୍ଘ ସମୟ ଧରି ମହଜୁଦ ରହିବା ଯୋଗୁଁ ଗୁଣବତ୍ତା ହ୍ରାସ ପାଇବା ଏବଂ ପରିମାଣ ସ୍ୱରୁପ ମୂଲ୍ୟ ହ୍ରାସକୁ ଏଡାଇବା ପାଇଁ ଗଡିକାଠ ଏବଂ ଖୁଣ୍ଟ ଗୁଡିକର ଜବତ ହେବାର ଦୁଇ ମାସ ମଧ୍ୟରେ ନିକାଶ କରାଯିବା କଥା । ସରକାର 2018-19 ବର୍ଷ ପାଇଁ ଅକ୍ଟୋବର 2018 ରେ ଗଡିକାଠ,ଖୁଣ୍ଟ ଏବଂ ଜାଳେଣି କାଠ ଗୁଡିକର ରୟାଲ୍ଟି ଦର ନିର୍ଦ୍ଧାରଣ କରିଥିଲେ ।

50 ଗୋଟି ବନଖଣ୍ଡ[97] ମଧ୍ୟରୁ 13 ଟି ର ପରୀକ୍ଷା ମୂଳକ ଭାବେ ସମୀକ୍ଷା କରାଗଲା ଏବଂ ଜଣା ପଡିଲା ଯେ 2017-18 ବର୍ଷରେ 399 ୟୁ.ଡି ମାମଲାରେ ସମ୍ବନ୍ଧିତ ଜବତ ହୋଇଥିବା 25.33 ଲକ୍ଷ ଟଙ୍କା ମୂଲ୍ୟର 8,593.22 ଘନ ଫୁଟ (ସି.ଏଫ.ଟି.) ର ଗଡି କାଠ (ଲଗ୍ ଏବଂ ସାଇଜ) ଏବଂ 957ଟି ଖୁଣ୍ଟିର ନିକାଶ ନହୋଇ ପଡ଼ି ରହିଥିଲା (ଜୁଲାଇ 2019) ।

ଏହା ସହିତ, ବଣାଇ ବନଖଣ୍ଡରେ 2010-11 ରୁ 2017-18 ମଧ୍ୟରେ ଉଦ୍ଧାର କରାଯାଇଥିବା କାଠ ଅର୍ଥାତ୍ 44,740.116 ଘନ ଫୁଟ ର ଗଡି କାଠ ଏବଂ 376.50 ବିଡା ଜାଳେଣୀ କାଠ, ଯାହାର ମୂଲ୍ୟ 1.24 କୋଟି ଟଙ୍କା ତାହା ଅଣନିକାଶ ହୋଇ ରହିଥିଲା (ଡିସେମ୍ବର 2018) । ବଣାଇ ବନଖଣ୍ଡର ସମସ୍ତ ରେଞ୍ଜ ଅଧିକାରୀଙ୍କୁ ଗଡି କାଠ ଏବଂ ଜାଳେଣୀ କାଠ ଓ.ଏଫ.ଡି.ସି ଙ୍କ ନିକଟରେ ହସ୍ତାନ୍ତର ଏବଂ ଓ.ଏଫ.ଡି.ସି ଙ୍କୁ ରୟାଲ୍ଟି ପ୍ରଦାନ ନିମନ୍ତେ ଦାବି ଉପସ୍ଥାପନ କରିବାପାଇଁ ନିର୍ଦ୍ଦେଶ (ଅକ୍ଟୋବର 2018 ) ଦିଆଯାଇଥିଲା ।

ଏହା ଦର୍ଶାଇବାରୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପି.ସି.ସି.ଏଫ.) ଜଣାଇଲେ (ଜୁଲାଇ 2019) ଯେ ଉଦ୍ଧାର କରାଯାଇଥିବା କାଠଗୁଡିକର ନିକାଶ ପାଇଁ 1.13 କୋଟି[98] ଟଙ୍କା ଅସୁଲ କରାଯାଇଛି । ଏହା ବ୍ୟତୀତ ପି.ସି.ସି.ଏଫ., ଜଣାଇଲେ ଯେ ଅବଶିଷ୍ଟ କାଠର ନିକାଶ ନିମନ୍ତେ ବନଖଣ୍ଡ ଅଧିକାରୀ, ବଣାଇ ବନଖଣ୍ଡଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଏହି ଉତ୍ତର ଅନ୍ୟ ବନଖଣ୍ଡମାନଙ୍କ ଦ୍ୱାରା ଜବତ ହୋଇଥିବା କାଠର ନିକାଶ ସମ୍ବନ୍ଧରେ ନିରବ ଥିଲା ।

ଏହି ବିଷୟରେ ସରକାରଙ୍କୁ ଅବଗତ କରାଗଲା (ଜୁଲାଇ 2019) ଏବଂ ତାଙ୍କର ଉତ୍ତରକୁ ପ୍ରତୀକ୍ଷା କରାଯାଇଛି (ଅକ୍ଟୋବର 2020) ।

---

[97] ଆଠଗଡ, ବାଲିଗୁଡା, ବାରିପଦା, ବଣାଇ, ବୌଦ୍ଧ, ଘୁମୁସର (ଉତ୍ତର), କରଞ୍ଜିଆ, କେନ୍ଦୁଝର, ଖୋର୍ଦ୍ଧା, ମାଲ୍‌କାନଗିରି, ଫୁଲବାଣୀ, ରେଢାଖୋଲ ଏବଂ ରାଇରଙ୍ଗପୁର

[98] ଜାଳେଣୀ କାଠ (₹ 1,11,50,781.30) + ଗଡିକାଠ (₹1,32,002.50) = ₹1,12,82,783.80

## ଜଳସମ୍ପଦ ବିଭାଗ

### 8.3 ଚାଷ ଯୋଗ୍ୟ କମାଣ୍ଡ ଏରିଆ ପରସ୍ପର ଉପରେ ମାଡିଯିବା ଯୋଗୁଁ ନିଷ୍ଫଳ ଅର୍ଥବ୍ୟୟ

**ବିଭାଗ ମଧ୍ୟରେ ସମନ୍ୱୟର ଅଭାବରୁ ଗୋଟିଏ ବ୍ଲକ ଅର୍ନ୍ତଗତ ଦୁଇଟି ଜଳସେଚନ ପ୍ରକଳ୍ପ କାର୍ଯ୍ୟ ନିର୍ବାହ କରିବାରେ ପରସ୍ପରର ଚାଷ ଯୋଗ୍ୟ କମାଣ୍ଡ ଏରିଆକୁ ମାଡିଯାଇଥିଲେ ଏବଂ ଏହା ଯୋଗୁଁ 64.68 କୋଟି ଟଙ୍କାର ନିଷ୍ଫଳ ଅର୍ଥ ବ୍ୟୟ ହେଲା ।**

ଜଳସେଚନ ପାଇଁ ଜଳକୁ ମୁଖ୍ୟତଃ ମାଧାକର୍ଷଣ ବଳ ଦ୍ୱାରା ବହିର୍ଗମନ ପଥ ପର୍ଯ୍ୟନ୍ତ ଏବଂ ବହିର୍ଗମନ ପଥ ଠାରୁ କ୍ଷେତ୍ରୀୟ ଚ୍ୟାନେଲ ମଧ୍ୟ ଦେଇ କୃଷି କ୍ଷେତ୍ରକୁ ଆଣିବା ପାଇଁ ଜଳସେଚନ କେନାଲ ବଣ୍ଟନ ପ୍ରଣାଳୀ ଦ୍ୱାରା ବିଭିନ୍ନ କ୍ଷୁଦ୍ର ନଦୀ, ଡ୍ୟାମ୍ ଏବଂ ଜଳ ଭଣ୍ଡାର ଆଦିର ବ୍ୟବହାର କରିଥାନ୍ତି । ଉପର ମୁଣ୍ଡ ଅଞ୍ଚଳରେ ଥିବା କୃଷିକ୍ଷେତ୍ର ଯାହାକି ସାଧାରଣ ଜଳ ସେଚନ ପ୍ରବାହ ଦ୍ୱାରା ଜଳସେଚିତ ହୋଇପାରିବ ନାହିଁ ସେ ସବୁ ଅଞ୍ଚଳରେ କୃଷକମାନଙ୍କୁ ନଦୀ ଓ ଜଳ ଭଣ୍ଡାରରୁ ଜଳ ଉତ୍ଥାନ ଦ୍ୱାରା ଜଳସେଚନର ସୁବିଧା ଯୋଗାଇ ଦେବା ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଗୁଡିକର ଲକ୍ଷ୍ୟ ଥିଲା । ଅନ୍ୟ ସବୁ ମଧ୍ୟରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ବିଶେଷ ସୁବିଧା ଏହା ଯେ ଏଥିରେ ଅଳ୍ପ ଭୂମିର ଆବଶ୍ୟକତା ପଡିଥାଏ ଯେହେତୁ ଜଳ ଉତ୍ତୋଳନ ଉତ୍ସରୁ ପମ୍ପ ଦ୍ୱାରା ଉଚ୍ଚ ଚାପ ବିଶିଷ୍ଟ ନେଟୱାର୍କ ବଣ୍ଟନ ପ୍ରଣାଳୀ ଦ୍ୱାରା ଜଳ ସେଚନ ଯୋଗାଇ ଦିଆଯାଇଥାଏ ।



ମେଗାଲିଫ୍ଟ ପ୍ରକଳ୍ପ (ଏମ୍ଏଲ୍ପି) ସହିତ ମାଡିଯାଇଥିବା ହାଡୁଆ ଜଳସେଚନ ଯୋଜନାର ସିସିଏ

ଜଳସମ୍ପଦ ବିଭାଗ (ଡି.ଓ.ଡବ୍ଲୁ.ଆର.) ମାର୍ଚ୍ଚ 2012 ରେ 23ଟି ଜିଲ୍ଲାରେ ପରିବ୍ୟାପ୍ତ 2.14 ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା ଯୋଗାଇ ଦେବା ନିମନ୍ତେ 174ଟି ନିରପେକ୍ଷ ବୃହତ୍ ଉଠା ଜଳସେଚନ ସ୍କିମ୍ ମଞ୍ଜୁର କରିଥିଲେ । କଟକ ଜିଲ୍ଲାର ନରସିଂହପୁର ବ୍ଲକରେ 430.64 କୋଟି ଟଙ୍କାର ଅଟକଳ ମୂଲ୍ୟରେ ନଅ ଗୋଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ର ନିର୍ମାଣ ଉକ୍ତ ସ୍କିମର ଏକ ଅଂଶ ଥିଲା । ଏହି ପ୍ରକଳ୍ପ ଗୁଡିକ, ପମ୍ପହାଉସ୍ ଦ୍ୱାରା ମହାନଦୀ ମଧ୍ୟରେ ଥିବା ନଅ ଗୋଟି ଜଳ ଯୋଗାଣ ସ୍ଥାନରୁ 16,750 ହେକ୍ଟର ବିଶିଷ୍ଟ ଚାଷଯୋଗ୍ୟ କ୍ଷେତ୍ର (ସି.ସି.ଏ.) କୁ ଜଳ ଯୋଗାଣ ର ବ୍ୟବସ୍ଥା କରିଥଲେ । ଜୁନ 2018 ସୁଦ୍ଧା ଏହି କାର୍ଯ୍ୟ ସମାପ୍ତି ପାଇଁ ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାରଙ୍କୁ ଡିସେମ୍ବର 2015 ରେ 382.95 କୋଟି ଟଙ୍କା ଟେଣ୍ଡର ମୂଲ୍ୟ ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟ ନଭେମ୍ବର 2020 ସୁଦ୍ଧା 369.89 କୋଟି ଟଙ୍କାର ବ୍ୟୟରେ ପ୍ରାୟତଃ ଶେଷ ହୋଇଯାଇଥିଲା ଏବଂ ପରୀକ୍ଷା ମୂଳକ ଭାବେ ଜଳ ଯୋଗାଣ କରୁଥିଲା ।

ସମୀକ୍ଷା ଅବଲୋକନ କଲା ଯେ, କେନ୍ଦ୍ରୀୟ ଜଳ ଆୟୋଗ (ସି.ଡବ୍ଲୁ.ସି.) କଟକ ଜିଲ୍ଲାର ସେହି ନରସିଂହପୁର ବ୍ଲକରେ 3,948 ହେକ୍ଟର ସି.ସି.ଏ. କୁ ଜଳସେଚନ ସୁବିଧା ଯୋଗାଇ ଦେବା ଲାଗି ମାର୍ଚ୍ଚ 2001ରେ 65.14 କୋଟି ଟଙ୍କାର ଅଟକଳ ମୂଲ୍ୟରେ ହାଡୁଆ ଜଳସେଚନ ପ୍ରକଳ୍ପର ଅନୁମୋଦନ କରିଥିଲେ । ଜଳ ସମ୍ପଦ ବିଭାଗ 2006 ବର୍ଷରେ 95.44 କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ କରିଥିଲେ । ମାର୍ଚ୍ଚ 2020 ସୁଦ୍ଧା ହାଡୁଆ ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ, ଙ୍କ ଦ୍ୱାରା 64.68 କୋଟି ଟଙ୍କାର ଅର୍ଥ ବ୍ୟୟ କରାଯାଇଥିଲା ଏବଂ ଉକ୍ତ ପ୍ରକଳ୍ପ କାର୍ଯ୍ୟଟି ଚାଲୁ ରହିଥିଲା । ବିଭାଗ ଅନୁଯାୟୀ, ଭୂମି ଅଧିଗ୍ରହଣ / ଜଙ୍ଗଲ ବିଭାଗର ଅନୁମତି ରେ ବିଳମ୍ବ ହିଁ କାର୍ଯ୍ୟ ସମାପ୍ତିରେ ବିଳମ୍ବର ମୁଖ୍ୟ କାରଣ ଥିଲା ।

ସମୀକ୍ଷା ଅବଲୋକନ କଲା (ମାର୍ଚ୍ଚ 2019) ଯେ, ଉକ୍ତ ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଯୋଜନା ପ୍ରସ୍ତୁତ ସମୟରେ, ପ୍ରକଳ୍ପ ନିର୍ଦ୍ଦେଶକ-ତଥା-ମୁଖ୍ୟ ଯନ୍ତ୍ରୀ, ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ହାଡୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟର ନିଷ୍ପାଦନକୁ ଉପେକ୍ଷା କରିଥିଲେ ଏବଂ ଏହାର ସି.ସି.ଏ କୁ ନରସିଂହପୁର ବ୍ଲକ୍ ସ୍ଥିତ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ରେ ଅନ୍ତର୍ଭୁକ୍ତ କରିଥିଲେ । ଫଳସ୍ୱରୂପ, ହାଡୁଆ ଜଳସେଚନ ପ୍ରକଳ୍ପ ଏବଂ ଉକ୍ତ ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ସି.ସି.ଏ. ପରସ୍ପରକୁ ମାଡିଯାଇଥିଲା । ମୁଖ୍ୟ ଯନ୍ତ୍ରୀ ତଥା ବେସିନ ପ୍ରବନ୍ଧକ (ସି.ଇ. ତଥା ବି.ଏମ.), ସମ୍ବଲ,ଏକ ପତ୍ର ମାଧ୍ୟମରେ ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ ବିଭାଗ, ଓଡିଶାଙ୍କୁ ସୁନିଶ୍ଚିତ କରିଥିଲେ (ଡିସେମ୍ବର 2017) ଯେ, ସମୁଦାୟ ହାଡୁଆ ଜଳସେଚନ ପ୍ରକଳ୍ପର ସି.ସି.ଏ. କେବଳ 270 ହେକ୍ଟର ବିଶିଷ୍ଟ କ୍ଷେତ୍ରକୁ ବାଦ ଦେଇ ସମ୍ପୂର୍ଣ୍ଣ ଭାବେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ସି.ସି.ଏ. ର ଅଂଶ ବିଶେଷ ଥିଲା । ମୁଖ୍ୟ ଯନ୍ତ୍ରୀ ତଥା ବେଶିନ ପ୍ରବନ୍ଧକ, ସମ୍ବଲ ପୁନଶ୍ଚ ଜଣାଇଲେ ଯେ ଏକ ଉଚ୍ଚ ସ୍ତରୀୟ ବୈଷୟିକ କମିଟି ଉକ୍ତ ପ୍ରସ୍ତାବର ପୁନଃ ନିରୀକ୍ଷଣ କରିଥିଲେ ଏବଂ ହାଡୁଆ ପ୍ରକଳ୍ପଟି ଅର୍ଥନୈତିକ ଦୃଷ୍ଟିକୋଣରୁ କରିବା ଯୋଗ୍ୟ ନୁହେଁ ବୋଲି ମତ ଦେଇଥିଲେ (ନଭେମ୍ବର 2017) । ହାଡୁଆ ପ୍ରକଳ୍ପ ଅନ୍ତର୍ଗତ ଉପଲବ୍ଧ ଜଳର ସର୍ବାଧିକ ବିନିଯୋଗ ନିମନ୍ତେ ସି.ସି.ଏ. ର ପରିମାଣ ବିସ୍ତାରିତ କରାଇବା ଲାଗି ପୁନଶ୍ଚ ବିସ୍ତୃତ ସର୍ବେକ୍ଷଣ କରାଇବାକୁ ମଧ୍ୟ ଏହି କମିଟି ନିର୍ଦ୍ଦେଶ ଦେଇଥିଲେ । ତେବେବି, ମାର୍ଚ୍ଚ 2019 ସୁଦ୍ଧା ଏଥିପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ନେଇ ନଥିପତ୍ରରେ କୌଣସି ଉଲ୍ଲେଖ ନଥିଲା ।

ତେଣୁ ଉକ୍ତ ବ୍ଲକରେ ଯେଉଁ ସି.ସି.ଏ. ପାଇଁ ହାଡୁଆ ଜଳସେଚନ ସ୍କିମ ଦ୍ୱାରା ଜଳସେଚନର ଯୋଜନା କରାଯାଇଥିଲା, ସେହି ସି.ସି.ଏ.କୁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ଅନ୍ତର୍ଭୁକ୍ତ କରିବା ପାଇଁ ବ୍ୟବସ୍ଥା ହୋଇଥିଲା । ସମୀକ୍ଷା ଏହା ଦର୍ଶାଇବାରୁ ସରକାର ଜଣାଇଲେ (ଅକ୍ଟୋବର 2019 ) ଯେ, ହାଡୁଆ ନଦୀ ର ଉଭୟ ପାର୍ଶ୍ୱ ରେ ରବି ଋତୁ ଜଳସେଚନ ପାଇଁ ବିଶାଳ ସି.ସି.ଏ. ଉପଲବ୍ଧ ଥିଲା ଏବଂ ବଡମ୍ବା ବ୍ଲକରେ ପ୍ରାୟ 1,000 ହେକ୍ଟର ବିଶିଷ୍ଟ ବିକଳ୍ପ ସି.ସି.ଏ. ଚିହ୍ନଟ କରାଯାଇ ସାରିଥିଲା ଏବଂ ଅନ୍ୟ ଏକ ଲଘୁ ଜଳସେଚନ ପ୍ରକଳ୍ପର 1,200 ହେକ୍ଟର ସି.ସି.ଏ. ସ୍ଥିରି କରଣ ହେବାର ଥିଲା ।

ଏହି ଉତ୍ତର ଟି ସମର୍ଥନୀୟ ନୁହେଁ ଯେହେତୁ ହାଡୁଆ ଜଳସେଚନ ପ୍ରକଳ୍ପ ନିଜସ୍ୱ 3,948 ହେକ୍ଟର ବିଶିଷ୍ଟ ନିରପେକ୍ଷ ସି.ସି.ଏ. କୁ ଜଳସେଚନ ଯୋଗାଇଦେବା ସହିତ ଖାରୋଡ ଲଘୁ ଜଳସେଚନ(ଏମ.ଆଇ) ପ୍ରକଳ୍ପର ସ୍ଥିରିକରଣ କରିବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଥିଲା । 6,093 ହେକ୍ଟର ସି.ସି.ଏ. କୁ ଜଳସେଚନ ଯୋଗାଇ ଦେବା ସମୁଦାୟ ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା, ଏହା ପରିବର୍ତ୍ତେ ଯେଉଁ ବିକଳ୍ପ ସି.ସି.ଏ. ଚିହ୍ନଟ ହୋଇଥିଲା ତାହା କେବଳ 1,000 ହେକ୍ଟର ଏବଂ ଲଘୁ ଜଳସେଚନ ପ୍ରକଳ୍ପ ର 1,200 ହେକ୍ଟର ଆୟାକଟ ର ସ୍ଥିରିକରଣ ଅଟେ । ବାସ୍ତବିକ, ଏହି ଉଭୟ କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ପାରସ୍ପରିକ ସମନ୍ୱୟର ଅଭାବ ଯୋଗୁଁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ଅଲଗା ସି.ସି.ଏ. ଚିହ୍ନଟ କରିବାରେ ବିଫଳ ହେଲେ ଏବଂ ଏହାଯୋଗୁଁ ପରସ୍ପର ସି.ସି.ଏ. କୁ ମାଡିଥିଲେ ।

ଏହି ଭାବରେ, ଏକା ବିଭାଗ ଅନ୍ତର୍ଗତ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ହେତୁ, ହାଡୁଆ ଜଳସେଚନ ପ୍ରକଳ୍ପର ସି.ସି.ଏ. ନିମନ୍ତେ କରାଯାଇଥିବା 64.68 କୋଟି ଟଙ୍କାର ସମ୍ପୂର୍ଣ୍ଣ ଅର୍ଥ ବ୍ୟୟ ନିଷ୍ଫଳ ହେଲା

## 8.4 ପ୍ରସ୍ତର ମୂଲ୍ୟର ସ୍ୱଳ୍ପ ଆଦାୟ

**ଠିକାଦାରଙ୍କୁ କାର୍ଯ୍ୟସ୍ଥଳୀଠାରେ ବ୍ୟବହାର ନିମନ୍ତେ ପ୍ରଦାନ କରାଯାଇଥିବା ଖନନ ଦ୍ୱାରା ସଂଗୃହୀତ ପ୍ରସ୍ତରର ମୂଲ୍ୟକୁ ନିର୍ବାହୀ ଯନ୍ତ୍ରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ଆଦାୟ କଲେ । ଏହା ବ୍ୟତୀତ, ପ୍ରସ୍ତର ର ପରିବହନ ଖର୍ଚ୍ଚ ମଧ୍ୟ ଆଦାୟ କରାଯାଇନଥିଲା, ଫଳ ସ୍ୱରୂପ 8.05 କୋଟି ଟଙ୍କା ଅନାଦେୟ ରହିଲା।**

ଓଡିଶା ଲୋକ ନିର୍ମାଣ ବିଭାଗ ସଂହିତା (ଅନୁଚ୍ଛେଦ 3.4.10) ଦର୍ଶାଇ ଥାଏ ଯେ ପରିବ୍ୟୟ ଅଟକଳକୁ ସ୍ୱୀକୃତି ନିମନ୍ତେ ପ୍ରେରିତ କରିବା ପୂର୍ବରୁ ସଂପୃକ୍ତ ବିଭାଜନ ଅଧିକାରୀ ଏହା ଅନୁପ୍ରମାଣିତ କରିବା ଦରକାର ଯେ ଧାର୍ଯ୍ୟ ଦର ଖସଡା (ଏସ.ଓ.ଆର) ନିୟମାବଳୀ ଅନୁସାରେ ମିତବ୍ୟୟୀ ଏବଂ ସୁରକ୍ଷିତ ଉପାୟରେ କାର୍ଯ୍ୟ ନିଷ୍ପାଦନ ପଦ୍ଧତି ଅବଲମ୍ବନ କରି ଅଟକଳ ପ୍ରସ୍ତୁତ କରାଯାଇଛି । ଏହି ଦର ଖସଡା ଦର୍ଶାଇଥାଏ ଯେ ଜଳ ନିର୍ଗମ ପଥ ଓ ମାଟି

ନିର୍ମିତ ଡ୍ୟାମ୍ ର ନିର୍ମାଣ ପାଇଁ କଠିନ ଶିଳାର ଖନନ ବେଳେ ଖନନ ଦ୍ୱାରା ପ୍ରାପ୍ତ ହୋଇଥିବା କଠିନ ଶିଳାର ଦର ସମୁଦାୟ ଖନନ ହୋଇଥିବା ପରିମାଣ ର 70 ପ୍ରତିଶତ ହେବା ଜରୁରୀ ଅଟେ । ପ୍ରସ୍ତରର ମୂଳ ଦର ଏବଂ ପ୍ରସ୍ତର ଖଣିଠାରୁ କାର୍ଯ୍ୟସ୍ଥଳୀ ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ଅଟକଳ ଅନୁଯାୟୀ ଘନମିଟର ପ୍ରତି ଯଥାକ୍ରମେ 375 ଏବଂ 561 ଟଙ୍କା ଥିଲା । ଏହି କାର୍ଯ୍ୟରେ ସିମେଣ୍ଟ କଂକ୍ରିଟ୍ ନିମନ୍ତେ ବ୍ୟବହୃତ ହେବାପାଇଁ ପ୍ରସ୍ତର ଜାତ ଦ୍ରବ୍ୟ ହାରାହାରି ଲିଡ୍ ଦୂରତ୍ୱ 49 କି.ମି. ରୁ ଉପଲବ୍ଧ ହେବାର ଥିଲା। ତଦନୁସାରେ, କାର୍ଯ୍ୟସ୍ଥଳୀ ଠାରେ ଉପଲବ୍ଧ ଥିବା ପ୍ରସ୍ତର ଠିକାଦାରଙ୍କୁ ପ୍ରଦାନ କରିବା ହେତୁ ଚୁକ୍ତି ମୂଲ୍ୟ ଅନୁଯାୟୀ ଘନ ମିଟର ପ୍ରତି 936 ଟଙ୍କା ହିସାବ ରେ ଅସୁଲ କରା ଯିବାର ଥିଲା ।

ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡି.ପି.ଆର) ରେ ଅନୁମୋଦିତ ଆଦୃତ ନକ୍ସା ଅନୁଯାୟୀ ଦେଓ ଜଳସେଚନ ପ୍ରକଳ୍ପରେ ଜଳ ନିର୍ଗମ ମାର୍ଗ ସହିତ ମାଟି ନିର୍ମିତ ଡ୍ୟାମ୍ ର ନିର୍ମାଣ କାର୍ଯ୍ୟ ପାଇଁ 49.97 କୋଟି ଟଙ୍କା ରେ ଓଡିଶା ନିର୍ମାଣ ନିଗମ (ଓ.ସି.ସି.) ଲିମିଟେଡ୍ ଯାହାକି ଓଡିଶା ସରକାରଙ୍କ ଏକ ଉଦ୍ୟୋଗ, ଙ୍କୁ ଡିସେମ୍ବର 2015 ସୁଦ୍ଧା ସମାପ୍ତ ପାଇଁ ଡିସେମ୍ବର 2012 ରେ ନ୍ୟସ୍ତ କରାଯାଇଥିଲା । ଏହି କାର୍ଯ୍ୟର ପରିସର ଅନୁଯାୟୀ ବ୍ଲାଷ୍ଟିଙ୍ଗ୍ ପଦ୍ଧତିରେ 48,260 ଘନ ମିଟର କଠିନ ଶିଳାର ଖନନ ହେବାର ଥିଲା। ଜଳ ନିର୍ଗମ ପଥର ମୂଳଦୁଆ ସ୍ତର ଚୁଡାନ୍ତ କରଣ ପାଇଁ କଠିନ ଶିଳା ଉପଲବ୍ଧ ନଥିବା କାରଣରୁ କାର୍ଯ୍ୟ ସମ୍ପନ୍ନ ହୋଇପାରିଲା ନାହିଁ । ଥଇଥାନ ଓ ପୁନର୍ବାସ ନିମନ୍ତେ ସହାୟତା ଦେୟ ନ ମିଳିବା କାରଣରୁ ସ୍ଥାନୀୟ ଲୋକ ପ୍ରତିରୋଧ କରିବା ଯୋଗୁଁ ଏହି କାର୍ଯ୍ୟ ମଧ ବାଧାପ୍ରାପ୍ତ ହୋଇଥିଲା । ତୃଟିପୂର୍ଣ୍ଣ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡି.ପି.ଆର) ପ୍ରସ୍ତୁତି ଯୋଗୁଁ ଜଳ ନିର୍ଗମ ମାର୍ଗର ନକ୍ସା ପରିବର୍ତ୍ତିତ ହେଲା ଯାହାକି ଉପଯୁକ୍ତ ପର୍ଯ୍ୟବେକ୍ଷଣ ଏବଂ ଅନୁସନ୍ଧାନ ବିନା ପ୍ରସ୍ତୁତ କରାଯାଇଥିଲା । ତଦନୁସାରେ ଜାନୁଆରୀ 2019 ରେ ସରକାର ସଂଶୋଧିତ କାର୍ଯ୍ୟ ଚୁକ୍ତିନାମା ଦ୍ୱାରା 127.50 କୋଟି ଟଙ୍କାର ଚୁକ୍ତି ମୂଲ୍ୟ ଅନୁମୋଦିତ କଲେ ଯେଉଁଥିରେ ଖନନ ଦ୍ୱାରା ପ୍ରାପ୍ତ ହେଉଥିବା ଶିଳାର ପରିମାଣକୁ 1.84 ଲକ୍ଷ ଘନମିଟର[99] ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ମାର୍ଚ୍ଚ 2019 ସୁଦ୍ଧା ଏହି କାର୍ଯ୍ୟଟି 80.76 କୋଟି ଟଙ୍କାର ଅର୍ଥ ବ୍ୟୟ ସହିତ ଚାଲୁ ରହିଥିଲା । କାର୍ଯ୍ୟର ସମ୍ପାଦନରେ ଆଦାୟ ହୋଇପାରି ନଥିବା ବକେୟା ଅର୍ଥର ପରିମାଣର ବିସ୍ତୃତ ବିବରଣୀ ନିମ୍ନ ସାରଣୀ ରେ ଦିଆଯାଇଛି :-

**ସାରଣୀ ସଂଖ୍ୟା.8.4: ସମ୍ପନ୍ନ ହୋଇଥିବା କାର୍ଯ୍ୟ, ପ୍ରଦାନ କରାଯାଇଥିବା କଠିନ ଶିଳାର ପରିମାଣ ଏବଂ ଠିକାଦାରଙ୍କ ଠାରୁ ଆଦାୟ ଯୋଗ୍ୟ ବକେୟା ଅର୍ଥର ପରିମାଣ ଦର୍ଶାଉଥିବା ବିସ୍ତୃତ ବିବରଣୀ**

| ବସ୍ତୁର ବିବରଣୀ | ଖନନ ହୋଇଥିବା ପରିମାଣ (ଘନ ମି) | ଆଦାୟ ହୋଇଥିବା ପରିମାଣ (ଘନ.ମି/ ଶତକଡା ) | ଘ.ମି. ପ୍ରତି ଆଦାୟ ହୋଇଥିବା ମୂଲ୍ୟ (ଟଙ୍କା) | ସମୁଦାୟ ଆଦାୟ ଅର୍ଥର ପରିମାଣ (ଟଙ୍କା କୋଟିରେ) | ଘନ ମିଟର ପ୍ରତି ଆଦାୟ ଯୋଗ୍ୟ ମୂଲ୍ୟ (ଟଙ୍କା ରେ) | ମୋଟ ଆଦାୟ ଯୋଗ୍ୟ ଅର୍ଥର ପରିମାଣ (ଟଙ୍କା କୋଟିରେ) | ସ୍ୱଳ୍ପ ଆଦାୟ ପରିମାଣ (ଟଙ୍କା କୋଟିରେ) |
|---|---|---|---|---|---|---|---|
| ବ୍ଲାଷ୍ଟିଙ୍ଗ୍ ଦ୍ୱାରା କଠିନ ଶିଳାର ଖନନ | 81,183 | 56,828 (70) | 195 | 1.11 | 936 | 5.32 | 4.21 |
| ବ୍ଲାଷ୍ଟିଙ୍ଗ୍ ବିନା କଠିନ ଶିଳାର ଖନନ | 77,712 | 51,825 (67) | 195 | 1.01 | 936 | 4.85 | 3.84 |
| ମୋଟ | **1,58,895** | **1,08,653** | | **2.12** | | **10.17** | **8.05** |

**(ଉତ୍ସ: ସମୀକ୍ଷା ଦ୍ୱାରା ସଂକଳିତ)**



**ଦେଓ ସ୍ପିଲ୍ ଓ୍ୱେ ସାଇଟ୍ ରେ କଠିନ ଶିଳାର ଚୂର୍ଣ୍ଣୀ କରଣ**

ସାରଣୀ 8.4 ରୁ ସମୀକ୍ଷା ଅବଲୋକନ କଲା ଯେ:

- ନିର୍ବାହୀ ଯନ୍ତ୍ରୀ ବ୍ଲାଷ୍ଟିଙ୍ଗ୍ ପ୍ରକ୍ରିୟା ଖନନ ଦ୍ୱାରା 70 ପ୍ରତିଶତ କଠିନ ଶିଳା ସଂଗ୍ରହ କଲେ ଏବଂ 67 ପ୍ରତିଶତ କଠିନ ଶିଳା ପଥରଭଙ୍ଗା ଯନ୍ତ୍ର ଦ୍ୱାରା ଖନନରୁ ସଂଗ୍ରହ କଲେ ଯେହେତୁ ସେ କ୍ଷେତ୍ରରେ ବ୍ଲାଷ୍ଟିଙ୍ଗ୍ ସମ୍ଭବପର ନଥିଲା । ସଂଗୃହୀତ ହୋଇଥିବା କଠିନ ଶିଳାର

[99] ବ୍ଲାଷ୍ଟିଙ୍ଗ ଦ୍ୱାରା ପ୍ରାପ୍ତ କଠିନ ଶିଳା ର ପରିମାଣ (83,513 ଘନ ମି) ଏବଂ ପଥର ଭଙ୍ଗା ଯନ୍ତ୍ର ଦ୍ୱାରା ପ୍ରାପ୍ତ କଠିନ ଶିଳାର ପରିମାଣ (1,00,937 ଘନ ମି)

ପରିମାଣ 1.11 ଲକ୍ଷ ଘନ ମିଟର (70 ପ୍ରତିଶତ) ପରିବର୍ତ୍ତେ 1.09 ଲକ୍ଷ ଘନ ମି. ଥିଲା (68 ପ୍ରତିଶତ)।

- ଖନନ ଦ୍ୱାରା ପ୍ରାପ୍ତ ଉପଯୋଗୀ ପ୍ରସ୍ତର ଠିକାଦାର ଙ୍କୁ ପ୍ରଦାନ କରାଯାଇଥିଲା । ମାର୍ଚ୍ଚ 2019 ରେ ଯୁଗ୍ମ ଭୌତିକ ନିରୀକ୍ଷଣ ବେଳେ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଏହା ସୁନିଶ୍ଚିତ କରାଯାଇଥିଲା ।

ଯେହେତୁ କଠିନ ଶିଳା କାର୍ଯ୍ୟସ୍ଥଳୀ ଠାରେ ଉପଲବ୍ଧ ଥିଲା, ଠିକାଦାରଙ୍କ ଠାରୁ ଅଟକଳ ଅନୁଯାୟୀ ଘନ ମିଟର ପ୍ରତି 936 ଟଙ୍କା ଦରରେ ଏହାର ମୂଲ୍ୟ ଏବଂ ପରିବହନ ଖର୍ଚ୍ଚ ବାବଦକୁ 10.17 କୋଟି ଟଙ୍କା ଆଦାୟ କରାଯିବା କଥା । ଯାହାହେଉ, ପ୍ରକଳ୍ପ ସ୍ତରୀୟ ଟେଣ୍ଡର କମିଟି (ପି.ଏଲ.ଟି.ସି) ରେ ଧାର୍ଯ୍ୟ ଚୁକ୍ତି ମୁତାବକ ନିର୍ବାହୀ ଯନ୍ତ୍ରୀ ଠିକାଦାର ଙ୍କ ଠାରୁ ଘନ ମିଟର ପ୍ରତି 195 ଟଙ୍କା ଦରରେ 2.12 କୋଟି ଟଙ୍କା ଆଦାୟ କଲେ, ଯାହାଫଳରେ ଠିକାଦାର ଙ୍କ ଠାରୁ 8.05 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହେଲା ।

ସମୀକ୍ଷା ଏହା ଦର୍ଶାଇବାରୁ, ଅକ୍ଟୋବର 2019 ରେ ସରକାର ଜଣାଇଲେ ଯେ ସମୁଦାୟ ପରିମାଣ ର କଠିନ ଶିଳା ଠିକାଦାର ଙ୍କୁ ଦିଆଯାଇଥିଲା । ଯେଉଁଥିରୁ 22,205 ଘନ ମିଟର ଚୂର୍ଣ୍ଣୀକରଣ କରାଯାଇଥିଲା ଏବଂ ଅବଶିଷ୍ଟ ପରିମାଣ ବିଭିନ୍ନ ମୂଳଦୁଆ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଯଥା- କ୍ରଶର, ବ୍ୟାଚିଂ ପ୍ଲାଣ୍ଟ, ହାଉଲ ମାର୍ଗ, ଜେନେରେଟର ପ୍ରକୋଷ୍ଠ, ଶ୍ରମିକ କଲୋନୀ, ଷ୍ଟକୟାର୍ଡ ଇତ୍ୟାଦି ନିର୍ମାଣ କାର୍ଯ୍ୟ ରେ ବିନିଯୋଗ ହୋଇଥିଲା । ପି.ଏଲ.ଟି.ସି ଦ୍ୱାରା ଧାର୍ଯ୍ୟ ଅନ୍ତିମ ଦର ଅନୁଯାୟୀ ଠିକାଦାରଙ୍କ ଠାରୁ ପ୍ରସ୍ତର ମୂଲ୍ୟ ନିମନ୍ତେ ଘନ ମିଟର ପ୍ରତି 195 ଟଙ୍କା ଦରରେ ଅର୍ଥ ଅସୁଲ କରାଯାଇଥିଲା ଏବଂ ପରିବହନ ଖର୍ଚ୍ଚ ବାବଦରେ ଘନ ମିଟର ପ୍ରତି 459 ଟଙ୍କା ଦରରେ ଅର୍ଥ ଆଦାୟ ହେବା ବାକି ଥିଲା । ମୋର୍ଥ (ସଡକ, ପରିବହନ ଏବଂ ରାଜପଥ ମନ୍ତ୍ରାଳୟ) ବିଶ୍ଳେଷଣ ଅନୁଯାୟୀ ବିନା ବ୍ଲାଷ୍ଟିଙ୍ଗ୍ ପଦ୍ଧତି ରେ କଠିନ ଶିଳା ଖନନ ପାଇଁ 50 ପ୍ରତିଶତ ରେ ଶିଳା ହାସଲ କରାଯାଇଥିଲା ।

ଉକ୍ତ ଉତ୍ତର ତଥ୍ୟାନୁସାରେ ସଠିକ୍ ନୁହେଁ, ଯେହେତୁ ବିନା ବ୍ଲାଷ୍ଟିଙ୍ଗ୍ ପଦ୍ଧତି ଅନୁସରଣ କରି 67 ପ୍ରତିଶତ କଠିନ ଶିଳା ଖନନ ପ୍ରକ୍ରିୟାରୁ ପ୍ରାପ୍ତ କରାଯାଇଥିଲା ଏବଂ ମୋର୍ଥ ବିଶ୍ଳେଷଣ ଅନୁଯାୟୀ 50 ପ୍ରତିଶତ ସଂଗ୍ରହ କରିବା ସଡକ ନିର୍ମାଣ ଲାଗି ପ୍ରଯୁଜ୍ୟ ଅଟେ । ଯେହେତୁ ଠିକାଦାର ଏହି ପ୍ରସ୍ତରକୁ ଖୋଦ୍ ପ୍ରକଳ୍ପ କାର୍ଯ୍ୟରେ ହିଁ ବିନିଯୋଗ କରିଥିଲେ, ମାର୍ଚ୍ଚ 2019 ସୁଦ୍ଧା ସମ୍ପାଦିତ କାର୍ଯ୍ୟ ନିମନ୍ତେ ପରିବହନ ଖର୍ଚ୍ଚ ତଥା ବିଭେଦାତ୍ମକ ମୌଳିକ ମୂଲ୍ୟ ବାବଦରେ 8.05 କୋଟି ଟଙ୍କା ଠିକାଦାରଙ୍କ ଠାରୁ ଆଦାୟ ହେବାର ଥିଲା ।

## 8.5 ଲାଇସେନ୍ସ ଦେୟ ର ସ୍ୱଳ୍ପ ଆଦାୟ

**ନିର୍ବାହୀ ଯନ୍ତ୍ରୀ ଜଳସେଚନ ଉତ୍ସରୁ ଏକ ଶିଳ୍ପ ଅନୁଷ୍ଠାନକୁ ଜଳ ଆବଣ୍ଟନ କଲେ ଏବଂ ସରକାରୀ ଉତ୍ସରୁ ଜଳ ଉତ୍ତୋଳନ କରିବା ପାଇଁ ପ୍ରଯୁଜ୍ୟ ଦର ଅନୁସାରେ ଲାଇସେନ୍ସ ଦେୟ ଧାର୍ଯ୍ୟ କଲେ ଯାହାର ଫଳ ସ୍ୱରୂପ 4.57 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହେଲା ।**

ଓଡିଶା ଜଳସେଚନ ନିୟମାବଳୀ ଦର୍ଶାଉଛି ଯେ ଜଳ ବ୍ୟବହାର କରୁଥିବା କୌଣସି ଶିଳ୍ପାନୁଷ୍ଠାନ ନିୟମ ମୁତାବକ ଧାର୍ଯ୍ୟ ହୋଇଥିବା ଜଳ କର ପଇଠ କରି ସରକାରୀ ଉତ୍ସ[100] କିମ୍ବା ଜଳସେଚନ ଉତ୍ସ[101] ରୁ ଶିଳ୍ପ କାର୍ଯ୍ୟରେ ବ୍ୟବହାର ପାଇଁ ଜଳ ଉଠାଣ କରି ପାରିବେ ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆର.ଆଣ୍ଡ.ଡି.ଏମ.) ବିଭାଗ ର ରାଜପତ୍ରିତ ଅଧିସୂଚନା (ଅକ୍ଟୋବର 2010) ଅନୁଯାୟୀ, ଶିଳ୍ପ କାର୍ଯ୍ୟ ରେ ବିନଯୋଗ ଲାଗି (ପାଞ୍ଚରୁ ଅଧିକ କ୍ୟୁସେକ) ଜଳର ଆବଶ୍ୟକତା ଥିଲେ ଜଳସେଚନ ଉତ୍ସ ରୁ ଉଠାଣ ପାଇଁ 1,000 ଲିଟର ପ୍ରତି 5.60 ଟଙ୍କା ଦରରେ ଏବଂ ସରକାରୀ ଉତ୍ସରୁ ଉଠାଣ ପାଇଁ 1,000 ଲିଟର ପ୍ରତି 4.50 ଟଙ୍କା ଦରରେ ଜଳ କର ଦେୟ ଅଟେ । ପୁନଶ୍ଚ, ପ୍ରତି ବର୍ଷ ଏପ୍ରିଲ ପହିଲା ଠାରୁ ଏହି ଲାଇସେନ୍ସ ଦେୟ ର ପରିମାଣ 10 ପ୍ରତିଶତ ହାରରେ ବୃଦ୍ଧି ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

---

[100] ପ୍ରାକୃତିକ ଭାବେ ସୃଷ୍ଟି ହୋଇଥିବା ଜଳ ଉତ୍ସ ଯଥା- ନଦୀ, ନାଳ, ଝରଣା ଇତ୍ୟାଦି ଯାହାକି ସରକାରଙ୍କ ସମ୍ପତ୍ତି

[101] ସମସ୍ତ ଜଳ ଭଣ୍ଡାର, ଟ୍ୟାଙ୍କ, ଆନିକଟ, ଡ୍ୟାମ୍, ୱେୟର, କେନାଲ, ବ୍ୟାରେଜ, ଚ୍ୟାନେଲ ଇତ୍ୟାଦି ଯାହାକି ଜଳସେଚନ ଉଦ୍ଦେଶ୍ୟରେ ନିର୍ମିତ

ସୂଚିତ କଲେ (ସେପ୍ଟେମ୍ବର 2016) । ତଦନୁଯାୟୀ 1,000 ଲିଟର ଜଳ ପିଛା ଦର ଏପ୍ରିଲ୍ 2017 ଠାରୁ 6.20 ଟଙ୍କା ଏବଂ ଏପ୍ରିଲ 2018 ଠାରୁ ଏହି ଦର କୁ 6.80 ଟଙ୍କାକୁ ସଂଶୋଧିତ କରାଯାଇଥିଲା ।

ରାଜ୍ୟ ସରକାର ଅଗଷ୍ଟ 2014 ରେ ଭାରତୀୟ ଧାତବ ଏବଂ ଲୌହ ମିଶ୍ର ଧାତୁ ଲିମିଟେଡ (ଇମ୍ଫା) ନାମକ ଏକ ଶିଳ୍ପ ପ୍ରତିଷ୍ଠାନ ସହିତ ଚଷାପଡା ଠାରେ 10.332 କ୍ୟୁସେକ ଜଳ ଉଠାଣ ନିମନ୍ତେ ଏକ ଚୁକ୍ତିନାମା ସାକ୍ଷର କରିଥିଲେ । ଏହି ସ୍ଥାନ ବି ମହାନଦୀ ର ଉପର ସ୍ରୋତ ଏବଂ ନରାଜ ବ୍ୟାରେଜ ର ନିମ୍ନ ସ୍ରୋତ ଅଞ୍ଚଳରେ ଅବସ୍ଥିତ ଯାହା ଏକ ଜଳସେଚନ ଉତ୍ସ ଅଟେ । ମଇ 2018 ଠାରୁ ଜଳ ଉଠାଣ କରାଯାଉଥିବା ପରିମାଣ କୁ 5.98 କ୍ୟୁସେକକୁ ହ୍ରାସ କରାଯାଇଥିଲା ।

ସମୀକ୍ଷା ଅବଲୋକନ କଲା (ଡିସେମ୍ବର 2018) ଯେ ଇମ୍ଫା ଦ୍ୱାରା ଜଳ ଉଠାଣ କରାଯାଉଥିବା ସ୍ଥାନଟି ମହାନଦୀ ବ୍ୟାରେଜ (ଏକ ଜଳ ଭଣ୍ଡାର ପ୍ରକଳ୍ପ) ଏବଂ ନରାଜ ବ୍ୟାରେଜ[102] ମଧ୍ୟରେ ଅବସ୍ଥିତ । ନରାଜ ବ୍ୟାରେଜର ଜଳ ସେଚନ ନିମନ୍ତେ କୌଣସି ନିରପେକ୍ଷ ଆୟାକଟ ନ ଥିଲା । ଏହି ଭାବରେ, ମହାନଦୀ ବ୍ୟାରେଜ ର ଉପର ସ୍ରୋତ ଅଞ୍ଚଳରେ କେନାଲ ଗୁଡିକ ଦ୍ୱାରା ଜଳସେଚନର ସୁବିଧା ଯୋଗାଇ ଦିଆଗଲା । ଯେହେତୁ ଇମ୍ଫା ନରାଜ ବ୍ୟାରେଜ ଦ୍ୱାରା ଯୋଗାଣ ହେଉଥିବା ମହାନଦୀ ର ଜଳ ଉଠାଣ କରୁଥିଲା, ତେଣୁ ଏହା ଜଳସେଚନ ଉତ୍ସରୁ ଜଳ ଉଠାଣ ପାଇଁ ଧାର୍ଯ୍ୟ ଲାଇସେନ୍ସ ଦେୟ ଆଦାୟ କରିବା ପାଇଁ ଦାୟୀ ଥିଲା ।

ଅକ୍ଟୋବର 2014ରୁ ମାର୍ଚ୍ଚ 2019 ଅବଧି ମଧ୍ୟରେ ଲାଇସେନ୍ସ ଦେୟ ଦାବୀ ରେଜିଷ୍ଟର ଯାଞ୍ଚ କରିବା ପରେ ସମୀକ୍ଷା ଅବଲୋକନ କଲା ଯେ, ନିର୍ବାହୀ ଯନ୍ତ୍ରୀ ଏହି ସମୟ ସୀମା ମଧ୍ୟରେ ଇମ୍ଫା କୁ 385.52 ଲକ୍ଷ ଲିଟର[103] ଜଳ ଆବଣ୍ଟନ କରିଥିଲେ ଏବଂ ଏହାକୁ ଜଳସେଚନ ଉତ୍ସ ପରିବର୍ତ୍ତେ ସରକାରୀ ଜଳ ଉତ୍ସ ଭାବେ ବିବେଚନା କରି ଲାଇସେନ୍ସ ଦେୟ ବାବଦରେ 18.32 କୋଟି ଟଙ୍କା ଦାବୀ କରିଥିଲେ । ଏହାର ଫଳରେ 4.57 କୋଟି ଟଙ୍କାର ଲାଇସେନ୍ସ ଦେୟ ସ୍ୱଳ୍ପ ଆଦାୟ ହେଲା ଯେପରି ସବିଶେଷ ବିବରଣୀ ନିମ୍ନ ସାରଣୀ ରେ ଦିଆଯାଇଛି :

**ସାରଣୀ ସଂଖ୍ୟା.8.5: ସ୍ୱଳ୍ପଆଦାୟ ହୋଇଥିବା ଲାଇସେନ୍ସ ଦେୟ ର ବିବରଣୀ**

| ଅବଧି | ଆବଣ୍ଟିତ ଜଳ ର ପରିମାଣ (କିଲୋ ଲିଟର ରେ) | ଆଦାୟ ହେବା ଯୋଗ୍ୟ ଅର୍ଥ | | ଅସୁଲ ହୋଇଥିବା ଅର୍ଥ | | ସ୍ୱଳ୍ପ ଆଦାୟ (ଟଙ୍କା କୋଟି ରେ ) |
|---|---|---|---|---|---|---|
| | | କିଲୋ ଲିଟର ପ୍ରତି ଦର (ଟଙ୍କା ରେ) | ମୋଟ (ଟଙ୍କା କୋଟି ରେ) | କିଲୋ ଲିଟର ପ୍ରତି ଦର (ଟଙ୍କା ରେ) | ମୋଟ (ଟଙ୍କା କୋଟି ରେ) | |
| ଅକ୍ଟୋବର 2014 ଠାରୁ ମାର୍ଚ୍ଚ 2016 | 13,852.892 | 5.60 | 7.76 | 4.50 | 6.23 | 1.53 |
| ଅପ୍ରିଲ 2016 ଠାରୁ ମାର୍ଚ୍ଚ 2017 | 9,226.835 | 5.60 | 5.17 | 4.50 | 4.15 | 1.02 |
| ଅପ୍ରିଲ 2017 ଠାରୁ ମାର୍ଚ୍ଚ 2018 | 9,226.835 | 6.20 | 5.72 | 4.95 | 4.57 | 1.15 |
| ଅପ୍ରିଲ 2018 ଠାରୁ ମାର୍ଚ୍ଚ 2019 | 6,245.261 | 6.80 | 4.24 | 5.40 | 3.37 | 0.87 |
| ମୋଟ | **38,551.823** | | **22.89** | | **18.32** | **4.57** |

**(ଉତ୍ସ:ସମୀକ୍ଷା ଦ୍ୱାରା ସଂକଳିତ)**

ଏହା ଦର୍ଶାଇବାରୁ, ସରକାର ତଥ୍ୟାତ୍ମକ ସତ୍ୟତାକୁ ଗ୍ରହଣ କଲେ (ଜାନୁଆରୀ 2020) ଓ ଜଣାଇଲେ ଯେ କାର୍ଯ୍ୟସ୍ଥଳୀ ଠାରେ ବ୍ୟବହାରକାରୀ ସଂସ୍ଥା ଦ୍ୱାରା ଜଳ ଉଠାଣ ଉତ୍ସର ପ୍ରକାର ଭେଦ ସୁନିଶ୍ଚିତ କରିବା ନିମନ୍ତେ

---

102 କାଠଯୋଡି ନଦୀ ରୁ ଜଳର ଦିଗକୁ ମହାନଦୀ ଆଡକୁ ପରିବର୍ତ୍ତନ କରାଇବା ସହ ମହାନଦୀ ବ୍ୟାରେଜ ଠାରେ ପଣ୍ଡିଂ କରାଯାଇ ଜଳକୁ ଜଳସେଚନ ଉପଯୋଗୀ କରାଇବା ପାଇଁ ନରାଜ ବ୍ୟାରେଜ ର ନିର୍ମାଣ କରାଯାଇଥିଲା

103 ଏକ ୟୁନିଟ୍ ଜଳ ର ପରିମାଣ 1,000 ଲିଟର ଜଳ ସହିତ ସମାନ

ଏକ କମିଟି ଗଠନ କରାଯାଇଥିଲା । ପୁନଶ୍ଚ ସରକାର ଜଣାଇଲେ ଯେ ସମୀକ୍ଷା ଦର୍ଶାଇବା ଅନୁଯାୟୀ ଲାଇସେନ୍ସ ଦେୟ ଆଦାୟ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପର ପ୍ରାରମ୍ଭ କରାଯାଉଅଛି ।

## 8.6 ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ

**ମୃତ୍ତିକା ଖନନ ପାଇଁ ଅଟକଳରେ ନିର୍ବାହୀ ଯନ୍ତ୍ରୀ ଯାନ୍ତ୍ରିକ ଖନନ ପରିବର୍ତ୍ତେ ମନୁଷ୍ୟ ଦ୍ୱାରା ଖନନ ପ୍ରଣାଳୀ ଅବଲମ୍ବନ କଲେ ଯାହାଦ୍ୱାରା ଅଟକଳ ମୂଲ୍ୟ ସ୍ଫୀତ ହେବା ସହିତ ପରିହାର୍ଯ୍ୟ ଅତିରିକ୍ତ ଅର୍ଥ ବ୍ୟୟ ହେଲା ଏବଂ ଠିକାଦାରମାନଙ୍କୁ 6.90 କୋଟି ଟଙ୍କାର ଅନୁଚିତ ଫାଇଦା ମିଳିଲା ।**

ଓଡିଶା ଲୋକ ନିର୍ମାଣ ସଂହିତାର ଅନୁଚ୍ଛେଦ 3.4.10 ରେ ଦର୍ଶାଯାଇଛି ଯେ ରାଜ୍ୟ ଦର ଖସଡା (ଏସ.ଓ.ଆର) ଏବଂ ଦର ବିଶ୍ଳେଷଣ (ଏ.ଓ.ଆର) ଅନୁଯାୟୀ ଅଟକଳ ପ୍ରସ୍ତୁତ କରିବା ସମୟରେ ସବୁଠାରୁ ମିତବ୍ୟୟୀ ଉପାୟ ଅବଲମ୍ବନ କରିବା ଉଚିତ । ଦର ବିଶ୍ଳେଷଣ (2006) ରେ ଜଳସେଚନ କାର୍ଯ୍ୟ ନିମନ୍ତେ ବିଶେଷ ତାଲିକାଭୁକ୍ତ ବିଷୟରେ ଏହା ସୂଚିତ କରାଯାଇଛି ଯେ ସ୍ୱୀକୃତିପ୍ରାପ୍ତ ବିବର[104] ଅଞ୍ଚଳରୁ କୌଣସି ପ୍ରକାରର ସ୍ୱୀକୃତି ପ୍ରାପ୍ତ ମୃତ୍ତିକାର ଖନନ, ଲୋଡିଙ୍ଗ ଏବଂ ପରିବହନ ଯାନ୍ତ୍ରିକ ଉପାୟରେ କରାଯିବ । ଏଥିରେ ମନୁଷ୍ୟ ଦ୍ୱାରା ମୃତ୍ତିକା ଖନନ ଏବଂ ପୃଥକ୍ ଭାବେ ଉକ୍ତ ଖନନ ଦ୍ୱାରା ପ୍ରାପ୍ତ ମୃତ୍ତିକାର ଯାନ୍ତ୍ରିକ ଉପାୟରେ ପରିବହନ ଲାଗି କୌଣସି ବ୍ୟବସ୍ଥା ନଥିଲା । ବିସ୍ତୃତ ଟେଣ୍ଡର ଆମନ୍ତ୍ରଣ ସୂଚନାରେ, ଏହା ସ୍ପଷ୍ଟ ଭାବରେ ଦର୍ଶାଯାଇଥିଲା ଯେ ଠିକାଦାର ନିଜ ଖର୍ଚ୍ଚ ଏବଂ ଦାୟିତ୍ୱ ରେ ବିବର ଅଞ୍ଚଳରୁ ମାଟି ଯୋଗାଡ କରିବେ । ବିବର ଅଞ୍ଚଳର ଅବସ୍ଥିତି କିମ୍ବା ଦୂରତାରେ ପରିବର୍ତ୍ତନ ଏବଂ ଉପଯୁକ୍ତ ମୃତ୍ତିକା ପ୍ରାପ୍ତି ନିମନ୍ତେ ଖନନ ଗଭୀରତାରେ ପରିବର୍ତ୍ତନ ଇତ୍ୟାଦି ଲାଗି ଠିକାଦାରଙ୍କୁ କୌଣସି କ୍ଷତିପୂରଣ ପ୍ରଦାନ କରାଯିବ ନାହିଁ । ଜଳସଂପଦ ବିଭାଗ ସେପ୍ଟେମ୍ବର 2017ରେ ଅନୁଷ୍ଠିତ ଏକ ବିଦାୟୀ ସମ୍ମିଳନୀ[105] ରେ ମାଟି କାମ ଲାଗି କେବଳ ଯାନ୍ତ୍ରିକ ଖନନ ପଦ୍ଧତି ଅନୁସରଣ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ ।

ମୁଖ୍ୟ ଯନ୍ତ୍ରୀ ତଥା ବେସିନ ପ୍ରବନ୍ଧକ (ସି.ଇ.ତଥା ବି.ଏମ.) ନିମ୍ନ ମହାନଦୀ ବେସିନ୍, 2012 ରୁ 2016 ଅବଧି ମଧ୍ୟରେ ପୁନରୁଦ୍ଧାର, ଉନ୍ନତିକରଣ, ଆଡିବନ୍ଧର ସୁରକ୍ଷା ତଥା ଅଚଳ ଆୟାକଟ[106] ର ସ୍ଥିରିକରଣ ପାଇଁ 124.25 କୋଟି ଟଙ୍କା ମୂଲ୍ୟ ବିଶିଷ୍ଟ 14ଟି କାର୍ଯ୍ୟର ଅଟକଳ ମଞ୍ଜୁରୀ ପ୍ରଦାନ କରିଥିଲେ (ପରିଶିଷ୍ଟ-IV) । ଏହିସବୁ କାର୍ଯ୍ୟର କାର୍ଯ୍ୟାଦେଶ 136.08 କୋଟି ଟଙ୍କା ମୂଲ୍ୟରେ ଅପ୍ରିଲ 2013ରୁ ମାର୍ଚ୍ଚ 2017 ମଧ୍ୟରେ ପ୍ରଦାନ କରାଯାଇଥିଲା ଯାହା ମାର୍ଚ୍ଚ 2014 ଠାରୁ ଫେବୃଆରୀ 2018 ସୁଦ୍ଧା ସମ୍ପନ୍ନ ହେବାଲାଗି ଧାର୍ଯ୍ୟ ହୋଇଥିଲା । ଠିକାଦାରମାନେ ଛଅ ଗୋଟି କାର୍ଯ୍ୟ ନିମନ୍ତେ 7.92ରୁ 14.99 ପ୍ରତିଶତ ପର୍ଯ୍ୟନ୍ତ ଟେଣ୍ଡର ରିହାତି ପ୍ରସ୍ତାବ ଦେଇଥିଲେ ଏବଂ ଅବଶିଷ୍ଟ ଆଠ ଗୋଟି କାର୍ଯ୍ୟରେ ଟେଣ୍ଡର ପ୍ରିମିୟମର ପରିମାଣ 4.99 ରୁ 19.40 ପ୍ରତିଶତ ମଧ୍ୟରେ ଦେଇଥିଲେ । ଏହି କାର୍ଯ୍ୟଗୁଡିକର ସମ୍ପାଦନ ନିମନ୍ତେ ସକ୍ଷମ ଅଧିକାରୀ ଟେଣ୍ଡର ସ୍ୱୀକାର କରିଥିଲେ । ମାର୍ଚ୍ଚ 2019 ସୁଦ୍ଧା ଏହି କାର୍ଯ୍ୟ ଗୁଡିକ 111.83 କୋଟି ଟଙ୍କା ଅର୍ଥ ବ୍ୟୟ ସହିତ ଚାଲୁ ରହିଥିଲା ।

ସମୀକ୍ଷା ଅବଲୋକନ କଲା ଯେ ଅଟକଳ ଗୁଡିକର ପ୍ରସ୍ତୁତି ସମୟରେ, ନିର୍ବାହୀ ଯନ୍ତ୍ରୀ ଯାଜପୁର ଜଳସେଚନ ବିଭାଜନ, ଏହି ସବୁ କାମ ପାଇଁ ବିବର ଅଞ୍ଚଳରେ 24.86 ଲକ୍ଷ ଘନ ମିଟର ମାଟି କାମ ଲାଗି ମନୁଷ୍ୟ ଦ୍ୱାରା ଖନନ ଏବଂ ଯାନ୍ତ୍ରିକ ଉପାୟରେ ପରିବହନର ବ୍ୟବସ୍ଥା କରିଥିଲେ । ଅଟକଳ ଅନୁଯାୟୀ ମନୁଷ୍ୟ ଦ୍ୱାରା ମାଟି ଖନନର ଦର ଘନ ମିଟର ପ୍ରତି 33.15 ଟଙ୍କା ରୁ 77.28 ଟଙ୍କା ମଧ୍ୟରେ ଧାର୍ଯ୍ୟ ହୋଇଥିଲା ମାତ୍ର ଯାନ୍ତ୍ରିକ ଉପାୟରେ ଏହି ଖନନ ଲାଗି ଘନ ମିଟର ପ୍ରତି 16.55 ଟଙ୍କା ଥିଲା । ଯେହେତୁ ନିର୍ବାହୀ ଯନ୍ତ୍ରୀ ମନୁଷ୍ୟ ଦ୍ୱାରା ମାଟିର ଖନନକୁ ଅନ୍ତର୍ଭୁକ୍ତ କରିଥିଲେ ଏବଂ ସି.ଇ. ତଥା ବି.ଏମ. ଏହି ଅଟକଳକୁ ଅନୁମୋଦନ କରିଥିଲେ, ଏହି

---

[104] ଠିକାଦାରଙ୍କ ଦ୍ୱାରା ସରକାରୀ କିମ୍ବା ଘରୋଇ ଜମି ରୁ ମାଟି ପ୍ରାପ୍ତ କରିବା

[105] "ଜଳସଂପଦ ବିଭାଗରେ ଚୁକ୍ତିନାମା ପରିଚାଳନା" ଶୀର୍ଷକ ନିଷ୍ପାଦନ ସମୀକ୍ଷା କୁ ନେଇ ଅନୁଷ୍ଠିତ ହୋଇଥିବା ବିଦାୟୀ ସମ୍ମିଳନୀ ଯାହା ଅନୁଚ୍ଛେଦ ସଂଖ୍ୟା 2.1.13.1 ରେ ସିଏଜି ଙ୍କ ସମୀକ୍ଷା ପ୍ରତିବେଦନ 2015ରେ ବର୍ଣ୍ଣିତ ହୋଇଛି

[106] ରକ୍ଷଣାବେକ୍ଷଣ ଅଭାବରୁ କେନାଲ ଗୁଡିକର ମଧ୍ୟରେ ଜଳର ସୀପେଜ ତଥା ବିଚ୍ଛିନ୍ନତା ସୃଷ୍ଟି ହୋଇଥିଲା ଯାହା ଯୋଗୁଁ ଜଳ ତଳ ମୁଣ୍ଡ ରେ ପହଞ୍ଚି ପାରୁ ନଥଲା । ଏହି ସବୁ ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଅଚଳ ଆୟାକଟ ର ସ୍ଥାୟୀ କରଣ କାର୍ଯ୍ୟ କୁହାଯାଏ ।

ତାଲିକଭୁକ୍ତ ବିଷୟ ସମସ୍ତ କାର୍ଯ୍ୟର ଅଟକଳରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ଏହା ଦରର ବିଶ୍ଲେଷଣକୁ ଉଲ୍ଲଘଂନ କରିବା ସହ ଅଟକଳ ମୂଲ୍ୟ ଘନ ମିଟର ପିଛା 16.60 ଟଙ୍କା ରୁ 60.73 ଟଙ୍କା ମଧ୍ୟରେ ସ୍ଫୀତ ହେଲା । ଏହାର ଫଳସ୍ୱରୂପ 19.25 ଲକ୍ଷ ଘନ ମିଟର କାର୍ଯ୍ୟର ସମ୍ପାଦନ ନିମନ୍ତେ 6.90 କୋଟି ଟଙ୍କାର ଅତିରିକ୍ତ ଦେୟ ପ୍ରଦାନ ହେଲା, ଯେପରି **ପରିଶିଷ୍ଟ- IV** ରେ ବିସ୍ତୃତ କରାଯାଇଅଛି । ଅଟକଳ କରାଯାଇଥିବା ପରିମାଣର ଆଧାରରେ, ଅନୁଚିତ ଫାଇଦାର ପରିମାଣ 9.87 କୋଟି ଟଙ୍କା ହେବାର ହିସାବ କରାଗଲା ।

ସମୀକ୍ଷାରେ ଏହା ଦର୍ଶାଇବାରୁ, ସରକାର ଆଶ୍ୱାସନା ଦେଲେ (ଡିସେମ୍ବର 2019) ଯେ କାର୍ଯ୍ୟର ଅଟକଳରେ ମନୁଷ୍ୟ ଦ୍ୱାରା ଖନନ ପ୍ରକ୍ରିୟାର ଅନ୍ତର୍ଭୁକ୍ତି ଏଡାଇବା ନିମନ୍ତେ ବିହିତ ପଦକ୍ଷେପ ନିଆଯିବ । ସମୀକ୍ଷା ଅବଲୋକନ କଲା ଯେ ତଥାପି ଏହି ଅନିୟମିତତା ଚାଲୁ ରହିଥିଲା ଏବଂ ତ୍ରୁଟିପୂର୍ଣ୍ଣ ଅଟକଳକୁ ସ୍ୱୀକୃତି ଦେଇଥିବା ଅଧିକାରୀମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ପ୍ରାରମ୍ଭ କରାଯାଇନଥିଲା ଯାହା ଫଳରେ 6.90 କୋଟି ଟଙ୍କା ର ପରିହାର୍ଯ୍ୟ ବ୍ୟୟ ହେଲା ।

## 8.7 ଲାଇସେନ୍ସ ଦେୟ ନ ବସାଇବାରୁ ରାଜସ୍ୱ କ୍ଷତି

**ଭୂତଳ ଜଳ ଉତ୍ତୋଳନ କରୁଥିବା ପ୍ରକଳ୍ପ/ସଂସ୍ଥା ମାନଙ୍କ ସହିତ ଚୁକ୍ତିନାମା ନିଷ୍ପାଦନ ନ କରିବା ଏବଂ ଲାଇସେନ୍ସ ଦେୟ ବସାଇବାରେ ନିର୍ବାହୀ ଯନ୍ତ୍ରୀ ବିଫଳ ହେଲେ, ଫଳରେ 6.77 କୋଟି ଟଙ୍କା ର ରାଜସ୍ୱ ହାନି ହେଲା ।**

ଦେଶ ମଧ୍ୟରେ ଭୂତଳ ଜଳର ବିକାଶ, ନିୟନ୍ତ୍ରଣ ଏବଂ ପରିଚାଳନା ଦାୟିତ୍ୱ କେନ୍ଦ୍ରୀୟ ଭୂତଳ ଜଳ ପ୍ରାଧିକରଣ (ସି.ଜି.ଡବ୍ଲୁ.ଏ.)ଙ୍କୁ ପରିବେଶ (ସୁରକ୍ଷା) ଅଧିନିୟମ 1986 ଦ୍ୱାରା ପ୍ରଦାନ କରାଯାଇଛି । ତଦନୁଯାୟୀ, ସି.ଜି.ଡବ୍ଲୁ.ଏ. ଭୂତଳ ଜଳ ଉତ୍ତୋଳନ ଆବଶ୍ୟକ କରୁଥିବା ଶିଳ୍ପାନୁଷ୍ଠାନ/ପ୍ରକଳ୍ପ ମାନଙ୍କୁ ଅନାପତ୍ତି ପ୍ରମାଣ ପତ୍ର (ଏନ.ଓ.ସି.) ପ୍ରଦାନ କରିଥାନ୍ତି ।

ଓଡିଶା ଜଳସେଚନ (ସଂଶୋଧନ) ନିୟମାବଳୀ, 2010 ସହିତ ଅବଲୋକନୀୟ ଅକ୍ଟୋବର 2010 ରେ ଜାରୀ ହୋଇଥିବା ଅଧିସୂଚନା ଅନୁଯାୟୀ ଜଳସଂପଦ ବିଭାଗର ନିର୍ବାହୀ ଯନ୍ତ୍ରୀମାନଙ୍କୁ ଜଳ ଉଠାଣ ପାଇଁ ଶିଳ୍ପାନୁଷ୍ଠାନ/ପ୍ରକଳ୍ପ ମାନଙ୍କ ସହିତ ରାଜିନାମା ସମ୍ପାଦନ କରିବାକୁ ପ୍ରାଧିକୃତ କରିଥିଲେ । ସେମାନଙ୍କ ପରିସର ଅନ୍ତର୍ଗତ ଶିଳ୍ପ/ପ୍ରକଳ୍ପ ଅନ୍ୟ ଅନୁଷ୍ଠାନ ଲାଇସେନ୍ସ ଜାରୀ ହେବାର 90 ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଏକ ଜଳ ପ୍ରବାହ ମିଟର କିମ୍ବା ଉପଯୁକ୍ତ ମାପ ଯନ୍ତ୍ରର ସ୍ଥାପନା ସୁନିଶ୍ଚିତ କରିବା ଦରକାର ଥିଲା । ଏହାପରେ, ନିର୍ବାହୀ ଯନ୍ତ୍ରୀମାନେ ଉତ୍ତୋଳିତ କିମ୍ବା ଆବଣ୍ଟିତ ହୋଇଥିବା ଜଳ, ଯାହାର ପରିମାଣ ଅଧିକ, ଲାଗି ଦେୟ ଧାର୍ଯ୍ୟ କରିବା ପାଇଁ ଆକଳନ କରିବାର ଥିଲା । 2017-18 ବର୍ଷ ନିମନ୍ତେ ଲାଇସେନ୍ସ ଦେୟର ପରିମାଣ ପ୍ରତି 1,000 ଲିଟର ଜଳ ପାଇଁ 7.48 ଟଙ୍କା ଏବଂ 2018-19 ବର୍ଷ ପାଇଁ 1,000 ଲିଟର ପ୍ରତି 8.16 ଟଙ୍କା ଥିଲା । ମୁଖ୍ୟ ଯନ୍ତ୍ରୀ (ସି.ଇ.) (ଜଳସେବା), ଜଳ ସମ୍ପଦ ବିଭାଗଙ୍କୁ, ଲାଇସେନ୍ସ ଦେୟ ଆଦାୟକୁ ତଦାରଖ ଏବଂ ଆଦାୟ ସମାପ୍ତି କରିବାର, ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

ଆଞ୍ଚଳିକ ନିର୍ଦ୍ଦେଶକ (ପୂର୍ବ କ୍ଷେତ୍ର), କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ (ସି.ଜି.ଡବ୍ଲୁ.ବି.)ଙ୍କ ନଥିପତ୍ରର ପରୀକ୍ଷାମୂଳକ ଯାଞ୍ଚରୁ ଜଣାଗଲା ଯେ ସି.ଜି.ଡବଲ୍ୟୁ.ଏ. 2017-18 ରୁ 2018-19 ମଧ୍ୟରେ ଭୂତଳ ଜଳ ଉତ୍ତୋଳନ ନିମନ୍ତେ ଡିସେମ୍ବର 2018 ସୁଦ୍ଧା ରାଜ୍ୟର 520 ଟି ଶିଳ୍ପାନୁଷ୍ଠାନ/ପ୍ରକଳ୍ପ ମାନଙ୍କୁ ଅନାପତ୍ତି ପ୍ରମାଣପତ୍ର ଜାରୀ କରିଥିଲେ । ଏଥି ମଧ୍ୟରୁ 75ଟି ଶିଳ୍ପାନୁଷ୍ଠାନ ଲାଇସେନ୍ସ ଦେୟ ପଇଠ କରିଥିଲେ ଏବଂ ଅବଶିଷ୍ଟ 445ଟି ଶିଳ୍ପାନୁଷ୍ଠାନ /ପ୍ରକଳ୍ପ ଗୁଡିକର ଚୁକ୍ତିନାମା ସମ୍ପାଦନ କରିବା, ପ୍ରବାହ ମିଟର ଲଗାଇବା ଏବଂ ଦେୟ ଆଦାୟ କାର୍ଯ୍ୟ ଜାନୁଆରୀ 2019 ସୁଦ୍ଧା ନିର୍ବାହୀ ଯନ୍ତ୍ରୀଙ୍କ ପାଖରେ ପଡିରହିଥିଲା । ତେବେବି, ଏହିସବୁ ଶିଳ୍ପାନୁଷ୍ଠାନ /ପ୍ରକଳ୍ପ ଗୁଡିକ ଲାଇସେନ୍ସ ଦେୟ ପଇଠ ନକରି ଜଳ ଉତ୍ତୋଳନ ଜାରୀ ରଖିଥିଲେ (ଡିସେମ୍ବର2018/ଜାନୁଆରୀ 2019) ।

ସି.ଜି.ଡବ୍ଲୁ.ଏ.ଙ୍କ ଦ୍ୱାରା ଜାରୀ ହୋଇଥିବା ଅନାପତ୍ତି ପ୍ରମାଣ ପତ୍ର ଗୁଡିକର ଯାଞ୍ଚରୁ, ସମୀକ୍ଷା ଅବଲୋକନ କଲା ଯେ ଏପ୍ରିଲ 2017 ରୁ ଡିସେମ୍ବର 2018 ମଧ୍ୟରେ ଏହି 445ଟି ଶିଳ୍ପାନୁଷ୍ଠାନ /ପ୍ରକଳ୍ପ ଗୁଡିକ 83.92 ଲକ୍ଷ ଘନ

ମିଟର[107] ଭୂତଳ ଜଳର ଉତ୍ତୋଳନ କରିଥିଲେ ଏବଂ ଏଥିପାଇଁ 6.77 କୋଟି ଟଙ୍କାର[108] ଲାଇସେନ୍ସ ଦେୟ ପାଇଁ ଦାୟୀ ଥିଲେ । ଏନ.ଓ.ସି. ଅନୁଯାୟୀ ଭୂତଳ ଜଳ ଉତ୍ତୋଳନ କରୁଥିବା ବିଷୟ ସମୀକ୍ଷା ଦଳ ଏବଂ 17 ଟି ପ୍ରକଳ୍ପ ର ସି.ଜି.ଡବ୍ଲୁ.ବି. ପ୍ରତିନିଧିମାନଙ୍କ ଦ୍ୱାରା କରାଯାଇଥିବା ଯୁଗ୍ମ ଭୌତିକ ନିରୀକ୍ଷଣ (ଡିସେମ୍ବର2018 /ଜାନୁଆରୀ 2019)ରୁ ପ୍ରମାଣିତ ହୋଇଥିଲା ।

ଯେହେତୁ ମୁଖ୍ୟ ଯନ୍ତ୍ରୀ (ଜଳ ସେବା), ଜଳ ସମ୍ପଦ ବିଭାଗ ସମ୍ପୃକ୍ତ ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଚୁକ୍ତିନାମା ନିଷ୍ପାଦନ ମୁତାବକ ଶିଳ୍ପାନୁଷ୍ଠାନ/ପ୍ରକଳ୍ପମାନଙ୍କ ଠାରୁ ଲାଇସେନ୍ସ ଦେୟ ଆଦାୟ ପ୍ରକ୍ରିୟାର ତଦାରଖ ଏବଂ ସମାପ୍ତି କରିବାରେ ବିଫଳ ହେଲେ, ଶିଳ୍ପାନୁଷ୍ଠାନ/ପ୍ରକଳ୍ପ ଗୁଡିକ 6.77 କୋଟି ଟଙ୍କାର ଆବଶ୍ୟକୀୟ ଲାଇସେନ୍ସ ଦେୟ ପ୍ରଦାନ ନ କରି ଅପ୍ରାଧିକୃତ ଭାବେ ଭୂତଳ ଜଳ ଉତ୍ତୋଳନ କଲେ ଯାହାଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେଲା ।

ଏହା ଦର୍ଶାଇବାରୁ, ସରକାର ଜଣାଇଲେ (ଜାନୁଆରୀ 2020) ଯେ, ମୁଖ୍ୟ ଯନ୍ତ୍ରୀ (ଜଳ ସେବା)ଙ୍କୁ ସମ୍ପୃକ୍ତ ଶିଳ୍ପାନୁଷ୍ଠାନ/ପ୍ରକଳ୍ପ/ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକର କ୍ଷେତ୍ରୀୟ ପରିଦର୍ଶନ କରାଯାଇ ଏମାନଙ୍କୁ ନିୟମାବଳୀର ପରିସର ମଧ୍ୟକୁ ଆଣିବାକୁ ସମ୍ବନ୍ଧିତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ସେ ନିର୍ଦ୍ଦେଶ ଦେବା ପାଇଁ ସୂଚିତ କରାଯାଇଛି । ନଭେମ୍ବର 2019 ସୁଦ୍ଧା, ନିର୍ବାହୀ ଯନ୍ତ୍ରୀମାନେ ଲାଇସେନ୍ସ ଦେୟ ଆଦାୟ ନିମନ୍ତେ 115 ଟି ମାମଲା ପଞ୍ଜୀକୃତ କରିଥିଲେ ଏବଂ ଅବଶିଷ୍ଟ 330 ଟି ମାମଲା ଲାଗି ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ପାଇଁ ଆଦେଶ ଦେଇଥିଲେ । ତେବେବି, 445 ଟି ଶିଳ୍ପାନୁଷ୍ଠାନ/ପ୍ରକଳ୍ପ ଗୁଡିକ ଦ୍ୱାରା ଅପ୍ରାଧିକୃତ ଭୂତଳ ଜଳ ଉଠାଣର ଲାଇସେନ୍ସ ଦେୟ ଅସୁଲ ସମ୍ବନ୍ଧରେ ଏହି ଉତ୍ତରଟି ନୀରବ ଥିଲା ।

## 8.8 ଠିକାଦାରମାନଙ୍କୁ ଅନୁଚିତ ଫାଇଦା

**ନିର୍ବାହୀ ଯନ୍ତ୍ରୀମାନେ ଅଟକଳରେ ଡୋଜର ଦ୍ୱାରା କାମର ଉତ୍ପାଦନ ପରିମାଣକୁ ତ୍ରୁଟିପୂର୍ଣ୍ଣ ଭାବରେ ଅନୁସରଣ କରିବା ଏବଂ ପ୍ରସ୍ତାବିତ ସୁପାରିଶର ଉଲଘଂନ କରି ମାଟିର ସଂକୋଚନ କରଣ କାର୍ଯ୍ୟ ପାଇଁ ଉଚ୍ଚତର କ୍ଷମତା ବିଶିଷ୍ଟ ରୋଲର ବ୍ୟବହାରକୁ ଅନୁସରଣ କରିବା ଦ୍ୱାରା ଠିକାଦାରମାନଙ୍କୁ 7.10 କୋଟି ଟଙ୍କାର ଅନୁଚିତ ଫାଇଦା ମିଳିଲା।**

ଓ.ପି.ଡବ୍ଲୁ.ଡି ସଂହିତାରେ ଦର୍ଶାଯାଇଛି ଯେ ଦର ଖସଡା (ଏସ.ଓ.ଆର.) ଏବଂ ଦରର ବିଶ୍ଳେଷଣ (ଏ.ଓ.ଆର.) ଅନୁଯାୟୀ ସବୁଠାରୁ ମିତବ୍ୟୟୀ ଉପାୟ ଅବଲମ୍ବନ କରି ଅଟକଳ ପ୍ରସ୍ତୁତ କରାଯିବା ଉଚିତ୍ ।

ବିଭାଜନ ଅଧିକାରୀ ଅଟକଳର ପ୍ରସ୍ତୁତି ସମୟରେ ଏହା ସୁନିଶ୍ଚିତ କରିବା ଉଚିତ୍ ଯେ ସ୍ୱୀକୃତି ପ୍ରାପ୍ତ ଏସ.ଓ.ଆର. ଓ ଏ.ଓ.ଆର. କୁ ଆଧାର କରି ଆଇଟମ୍ ଗୁଡିକର ଦରର ଆକଳନ କରାଯାଇଛି ଯାହା କାର୍ଯ୍ୟ ନିଷ୍ପାଦନ କରିବା ପାଇଁ ସବୁଠାରୁ ମିତବ୍ୟୟୀ ଓ ସୁରକ୍ଷିତ ଅଟେ । ରାଜ୍ୟ ଏ.ଓ.ଆର. ଅନ୍ତର୍ଗତ ବିଶେଷ ଆଇଟମ୍ ସଂଖ୍ୟା 2 ରେ ଦର୍ଶାଯାଇଛି ଯେ ଆଡିବନ୍ଧର ନିର୍ମାଣ, ବନ୍ୟାରୁ ସୁରକ୍ଷା ଆଦି ଜଳସେଚନ କାର୍ଯ୍ୟରେ ମାଟିକୁ ବିଛାଇବା ନିମନ୍ତେ ଯାନ୍ତ୍ରିକ ଉପକରଣ ଯେପରି, ଡୋଜର ଏବଂ ମାଟିର ସଂକୋଚନ ନିମନ୍ତେ ଶୀପ୍‌ଫୁଟ୍ ରୋଲର ଇତ୍ୟାଦି ଅନୁମୋଦିତ ଯାନ୍ତ୍ରିକ ଉପକରଣର ବ୍ୟବହାର ଲାଗି ବ୍ୟବସ୍ଥା କରାଯାଇଛି । ଏସ.ଓ.ଆର. ଅନୁଯାୟୀ ଡୋଜର ଦ୍ୱାରା ଘଣ୍ଟାପ୍ରତି 300 ଘନ ମିଟର ମାଟି ପ୍ରସାରିତ କରିବା ପାଇଁ ଧାର୍ଯ୍ୟ ଭଡା ଦର 2,463.54 ଟଙ୍କା ଅଟେ । ସେହିପରି ଶୀପ୍‌ଫୁଟ୍ ରୋଲର ଦ୍ୱାରା ଘଣ୍ଟାପ୍ରତି 100 ଘନ ମିଟର ମାଟି ସଂକୋଚନ ପାଇଁ ଧାର୍ଯ୍ୟ ଭଡା ଦର 77.86 ଟଙ୍କା ଅଟେ ।

---

107 1 ଘନ ମିଟର = 1,000 ଲିଟର

108 ଏନ.ଓ.ସି. ଅନୁଯାୟୀ ଆବଣ୍ଟିତ ଜଳର ପରିମାଣ ଉପରେ ହିସାବ କରାଯାଇଛି



ଡୋଜର, ଶୀପ୍ ଫୁଟ ରୋଲର ଏବଂ ଭାଇବ୍ରେଟୋରି ରୋଲରର ପ୍ରତୀକାତ୍ମକ ଚିତ୍ର

2016-17 ରୁ 2017-18 ଅବଧି ମଧ୍ୟରେ ଚାରିଟି ବିଭାଜନ[109] ଅନ୍ତର୍ଗତ 29ଟି କାର୍ଯ୍ୟର ନିଷ୍ପାଦନ ନିମନ୍ତେ 146.66 କୋଟି ଟଙ୍କା ମଂଜୁର କରାଯାଇଥିଲା । ଏହି କାର୍ଯ୍ୟଗୁଡିକର ନିଷ୍ପାଦନ ନିମନ୍ତେ ନଭେମ୍ବର 2016 ଠାରୁ ଜୁନ 2018 ମଧ୍ୟରେ 128.57 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ଏହା ସେପ୍ଟେମ୍ବର 2017ରୁ ଡିସେମ୍ବର 2019 ମଧ୍ୟରେ ସମ୍ପନ୍ନ ହେବା ଧାର୍ଯ୍ୟ ହୋଇଥିଲା । ଠିକାଦାରମାନଙ୍କ ସହ କରାଯାଇଥିବା ଚୁକ୍ତି ଅନୁଯାୟୀ ବିଶେଷ ଭାବରେ ବନ୍ୟା ସୁରକ୍ଷା ଏବଂ ଆଡିବନ୍ଧ ଗୁଡିକର ଉନ୍ନତିକରଣ ନିମନ୍ତେ ଅନ୍ୟାନ୍ୟ ବିଷୟ ମଧ୍ୟରେ 46.41 ଲକ୍ଷ ଘନମିଟର ମାଟିର ସଂକୋଚନ କରାଯିବାର ଥିଲା । ମାର୍ଚ୍ଚ 2019 ସୁଦ୍ଧା, 74.75 କୋଟି ଟଙ୍କା ଅର୍ଥ ବ୍ୟୟ ସହିତ ଏହି କାର୍ଯ୍ୟଗୁଡିକ ଚାଲୁ ରହିଥିଲା ଯେଉଁଥିରେ 31.93 ଲକ୍ଷ ଘନ ମିଟର ମାଟିର ସଂକୋଚନ କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

ଏହି କାର୍ଯ୍ୟଗୁଡିକର ନଥି ଯାଞ୍ଚରୁ ଜଣାଗଲା ଯେ, ନିର୍ବାହୀ ଯନ୍ତ୍ରୀ (ଇ.ଇ.) ଅଟକଳ ପ୍ରସ୍ତୁତି ସମୟରେ, ମାଟି ପ୍ରସାରଣ କରିବା କାର୍ଯ୍ୟଲାଗି ଡୋଜରର କାମର ଉତ୍ପାଦନର ପରିମାଣକୁ ଘଣ୍ଟାପ୍ରତି 300 ଘନ ମିଟର ପରିବର୍ତ୍ତେ ଘଣ୍ଟାପ୍ରତି 100 ଘନ ମିଟର ହାରରେ ଆକଳନ କରିଥିଲେ, କିନ୍ତୁ ଏଥିପାଇଁ ସମାନୁପାତିକ ଭାବରେ ଭଡା ଦର ହ୍ରାସ କରିନଥିଲେ। ସେହିଭାବରେ, ଯଦିଓ ଏସ.ଏଫ.ଆର. ସମ ପରିମାଣ କାର୍ଯ୍ୟକୁ ଭାଇବ୍ରେଟୋରୀ ରୋଡ୍ ରୋଲର୍ (ଭି.ଆର.ଆର.) ଠାରୁ କମ୍ ଖର୍ଚ୍ଚରେ କରିପାରିଥାନ୍ତା, ତିନିଟି ବିଭାଜନ[110] ସମ୍ପୃକ୍ତ ଅଟକଳରେ ଏସ.ଏଫ.ଆର କୁ ଅନ୍ତର୍ଭୁକ୍ତ କରିନଥିଲେ । ସମୀକ୍ଷା ଅବଲୋକନ କଲା ଯେ, ନିର୍ବାହୀ ଯନ୍ତ୍ରୀ, ଭଞ୍ଜନଗର ଜଳସେଚନ ବିଭାଜନ ଗୋଟିଏ କାର୍ଯ୍ୟରେ ମାଟିର ସଂକୋଚନ ପାଇଁ ଏସ.ଓ.ଆର. / ଏ.ଓ.ଆର.ର ସ୍ୱୀକୃତ ଏସ.ଏଫ.ଆର. ର ଦରକୁ ଅନୁସରଣ କରିଥିଲେ । ଅଟକଳରେ ଆଦୃତ ହିସାବ ଅନୁଯାୟୀ ମାଟିର ପ୍ରସାରଣ ଓ ସଂକୋଚନ ପାଇଁ ଡୋଜର ଏବଂ ଭି.ଆର.ଆର. ବ୍ୟବହାର ନିମନ୍ତେ ଦର ଘନ ମିଟର ପ୍ରତି 26.50 ଟଙ୍କା ରୁ 41.36 ଟଙ୍କା ମଧ୍ୟରେ ରହିଥିଲା । ଡୋଜର ଦ୍ୱାରା ମାଟିର ପ୍ରସାରଣର ଉତ୍ପାଦନ ପରିମାଣ 300 ଘନ ମିଟର ଏବଂ ଏସ.ଏଫ.ଆର. ଦ୍ୱାରା ମାଟିର ସଂକୋଚନ ପରିମାଣ 100 ଘନ ମିଟର ବିବେଚନା କରି, ଘନ ମିଟର ପ୍ରତି ମୂଲ୍ୟ 10.76 ଟଙ୍କା ହିସାବ କରାଗଲା ।

ଏହି ଭାବରେ, ଏ.ଓ. ଆର/ ଏସ.ଓ.ଆର ଅନୁମୋଦନ ଅନୁଯାୟୀ ଡୋଜର ଏବଂ ଏସ.ଏଫ.ଆରର ସମାନୁପାତିକ ଭଡା ଦର ହିସାବକୁ ନିଆ ନଯାଇ ମାର୍ଚ୍ଚ 2019 ସୁଦ୍ଧା 31.93 ଲକ୍ଷ ଘନ ମିଟର ମାଟିର ପ୍ରସାରଣ ଏବଂ ସଂକୋଚନ ନିମନ୍ତେ ଠିକାଦାରଙ୍କୁ 7.10 କୋଟି ଟଙ୍କା ଅତିରିକ୍ତ ପ୍ରଦାନ କରାଯାଇଥିଲା । ଆକଳନ କରାଯାଇଥିବା ପରିମାଣ ଆଧାରରେ ଅତିରିକ୍ତ ଅର୍ଥର ପରିମାଣ 11.99 କୋଟି ଟଙ୍କା ହେବ ଯେପରି ବିଶଦ ଭାବେ ବିବରଣୀ **ପରିଶିଷ୍ଟ- V** ରେ ଦିଆଯାଇଛି ।

ସମୀକ୍ଷା ଅବଲୋକନର ଜବାବରେ, ସରକାର ଏହି ତଥ୍ୟକୁ ସ୍ୱୀକାର କଲେ ଏବଂ ଜଣାଇଲେ (ନଭେମ୍ବର 2019) ଯେ ଏସ.ଓ.ଆର. ଅନୁଯାୟୀ ଡୋଜର ଦ୍ୱାରା ହାଲକା ମାଟିର ପ୍ରସାରଣ ନିମନ୍ତେ ଡୋଜର କାମର ପ୍ରଭାବୀ ଉତ୍ପାଦ ପରିମାଣ ଘଣ୍ଟା ପ୍ରତି 300 ଘନ ମିଟର ଥିଲା । ଏହା ମଧ୍ୟ ଜଣାଯାଇଥିଲା ଯେ ସମ୍ପୃକ୍ତ ଆଡିବନ୍ଧ ଗୁଡିକ ମୁଖ୍ୟତଃ

109 ଭଞ୍ଜନଗର ଜଳସେଚନ ବିଭାଜନ; ବଲାଙ୍ଗିର ଜଳସେଚନ ବିଭାଜନ; ଯାଜପୁର ଜଳସେଚନ ବିଭାଜନ ଏବଂ ମହାନଦୀ ଉତ୍ତର ବିଭାଜନ

110 ବଲାଙ୍ଗିର ଜଳସେଚନ ବିଭାଜନ; ଯାଜପୁର ଜଳସେଚନ ବିଭାଜନ ଏବଂ ମହାନଦୀ ଉତ୍ତର ବିଭାଜନ

କଠିନ ଅଞ୍ଚଳ ରେ ଥିଲା ଯେଉଁଠାରେ ଗମନାଗମନ ଏବଂ ଭୂମିର ଉପଲବ୍ଧତା କାର୍ଯ୍ୟ ନିଷ୍ପାଦନର ମୁଖ୍ୟ ଅନ୍ତରାୟ ଥିଲା । ଆଡିବନ୍ଧର ଉଭୟ ପାର୍ଶ୍ୱରେ ଅଧିକା ଓସାର ବ୍ୟବସ୍ଥା ହେତୁ ହାଲୁକା ମାଟିର ସଂକୋଚନକୁ ସୁବିଧା ଜନକ କରିବାକୁ ପ୍ରଭାବୀ ଉତ୍ପାଦ ପରିମାଣ ହ୍ରାସ ହୋଇଥିଲା । ତେଣୁ ଉତ୍ପାଦ ପରିମାଣ ଘଣ୍ଟାପ୍ରତି 100 ଘନ ମିଟର ଭାବରେ ବିଚାର କରାଯାଇଥିଲା । ଭି.ଆର.ଆର. ର ବ୍ୟବହାର ସମ୍ବନ୍ଧରେ ସମ୍ପୃକ୍ତ ବିଭାଗ ଜଣାଇଲେ ଯେ ଯେଉଁ ଅଞ୍ଚଳରେ କାର୍ଯ୍ୟଗୁଡିକ ନିଷ୍ପାଦିତ ହୋଇଥିଲା ସେହି ଅଞ୍ଚଳରେ ଉପଲବ୍ଧ ମୃତ୍ତିକା ଅଧିକାଂଶ ଭାବରେ ବାଲି ମିଶ୍ରଣ ଗୋଡି ଏବଂ ସୂକ୍ଷ୍ମ ଚିକିଟା ବାଲି ମିଶ୍ରିତ ଗୋଡି ଏବଂ ବାଲି-କାଦୁଅ-ଗୋଡି ଇତ୍ୟାଦି ଥିଲା ।

ଏହି ଉତ୍ତରଟି ଗ୍ରହଣୀୟ ନୁହେଁ, ଯେହେତୁ ଡୋଜର ଭଡାର ପରିମାଣ ଦର ବୋର୍ଡ ଙ୍କ ଦ୍ୱାରା ଧାର୍ଯ୍ୟ ହେଲାବେଳେ ସମସ୍ତ କାରଣ କୁ ବିଚାର କରାଯିବା ସହିତ କାର୍ଯ୍ୟର ପରିମାଣ ଘଣ୍ଟାପ୍ରତି 300 ଘନ ମିଟର ହିସାବ କରାଯାଇଥିଲା । ତେଣୁ, କମ୍ କ୍ଷମତା ବିଶିଷ୍ଟ ଭାବେ ବିବେଚନା କରିବା ବିଧି ସମ୍ମତ ନଥିଲା । ଭି.ଆର.ଆର. ବ୍ୟବହାର ସମ୍ବନ୍ଧରେ ଉତ୍ତର ସମର୍ଥନୀୟ ନଥିଲା ଯେହେତୁ କରାଯାଇଥିବା ମାଟିକାମ ଅନୁମୋଦିତ ମୃତ୍ତିକାର ଥିଲା ଯେଉଁଳି ଦାବି କରାଯାଉଛି ସେପରି ଚିକିଟା, ବାଲିଗୋଡି ମିଶ୍ରିତ, କାଦୁଆ ବାଲିଗୋଡି ମିଶ୍ରିତ ଇତ୍ୟାଦି ନଥିଲା । ଏହିଭାବେ, ଏହି ଆଠଟି କାର୍ଯ୍ୟରେ ଏସ.ଏଫ.ଆର. ପରିବର୍ତ୍ତେ ଭି.ଆର.ଆର ର ବ୍ୟବସ୍ଥା କେବଳ ଠିକାଦାରମାନଙ୍କୁ ଅନୁଚିତ ଫାଇଦା ଦେବାପାଇଁ ଥିଲା । ଏହାବ୍ୟତିତ, ଯଦିଓ ପ୍ରମୁଖ ଶାସନ ସଚିବ, ଜଳ ସମ୍ପଦ ବିଭାଗ "ଚୁକ୍ତିନାମା ପରିଚାଳନା" ଶୀର୍ଷକ ନିଷ୍ପାଦନ ସମୀକ୍ଷା ସମ୍ବନ୍ଧୀୟ ଏକ ବିଦାୟୀ ସମ୍ମିଳନୀ (ସେପ୍ଟେମ୍ବର 2017) ରେ ସେହି ଏକା ପ୍ରକାର ଅବଲୋକନ ରେ ଆଶ୍ୱାସନା ଦେଇଥିଲେ ଯେ ଆଗକୁ ଏ.ଓ.ଆର. ର ଯଥାବିଧି ଅନୁସରଣ କରାଯିବ ଯାହା ମାର୍ଚ୍ଚ 2017 ରେ ସମାପ୍ତ ବର୍ଷ ନିମନ୍ତେ ସିଏଜିଙ୍କ ଆର୍ଥିକ କ୍ଷେତ୍ର ପ୍ରତିବେଦନ ଅନୁଚ୍ଛେଦ 2.1.13.2 ରେ ଦର୍ଶାଯାଇଥିଲା, ତଥାପି ଏହି ଅନିୟମିତତା ଜାରୀ ରହିଥିଲା ।

## ପୂର୍ତ୍ତ ବିଭାଗ

## 8.9 ଠିକାଦାରଙ୍କୁ ଅଧିକ ଅର୍ଥ ପ୍ରଦାନ

**କାର୍ଯ୍ୟର ପରିସର ପରିବର୍ତ୍ତନକୁ ପ୍ରଭାବୀ କାର୍ଯ୍ୟକାରୀ କରିବାରେ ନିର୍ବାହୀ ଯନ୍ତ୍ରୀଙ୍କ ବିଫଳତା ଯୋଗୁଁ ଚୁକ୍ତି ପରିସର ଅଧୀନ କାର୍ଯ୍ୟକୁ ସମ୍ପାଦନ ନକରି ଠିକାଦାରଙ୍କୁ 4.86 କୋଟି ଟଙ୍କାର ଅଧିକ ଅର୍ଥ ପ୍ରଦାନ କରାଗଲା ।**

ଚୁକ୍ତି ରାଜିନାମାର ଅନୁଚ୍ଛେଦ13 ଦର୍ଶାଏ ଯେ କାର୍ଯ୍ୟର ସମ୍ପାଦନ ସମୟରେ, ଯଦି କୌଣସି ରୂପାନ୍ତରଣ /ପରବର୍ତ୍ତନ ର ଆବଶ୍ୟକତା ପଡେ (କାର୍ଯ୍ୟର ପରିସର ପରିବର୍ତ୍ତନ), ତେବେ ପ୍ରାଧିକାରୀ ଏ ସମ୍ବନ୍ଧରେ ଠିକାଦାରଙ୍କୁ କାର୍ଯ୍ୟର ପରିସର ପରିବର୍ତ୍ତନ ନିମନ୍ତେ ମୂଲ୍ୟ ବୃଦ୍ଧି କିମ୍ବା ମୂଲ୍ୟ ହ୍ରାସ ସମ୍ବନ୍ଧିତ ପ୍ରସ୍ତାବ ଦାଖଲ କରିବା ପାଇଁ ଅନୁଦେଶ ଦେବେ କିମ୍ବା ଅନୁରୋଧ କରିବେ ।

ନାବାର୍ଡ [111] ସହାୟତାରେ କଟକ ଜିଲ୍ଲାର ମହାନଦୀରେ 121.86 କୋଟି ଟଙ୍କା ଅଟକଳ ବିଶିଷ୍ଟ ଏକ ସୁଉଚ୍ଚ ପୋଲ ନିର୍ମାଣ ପାଇଁ ମୁଖ୍ୟ ଯନ୍ତ୍ରୀ ବିଶ୍ୱବ୍ୟାଙ୍କ ପ୍ରକଳ୍ପ ଅନୁମୋଦନ କରିଥିଲେ (ଡିସେମ୍ବର 2013 )। 142.41 କୋଟି ଟଙ୍କା ରେ ଏହି କାର୍ଯ୍ୟର ଚୁକ୍ତିନାମା ଜଣେ ଠିକାଦାର[112] ଙ୍କୁ ଅଭିଯାନ୍ତ୍ରିକ, ଅଧିଗ୍ରହଣ ଏବଂ ନିର୍ମାଣ (ଇ.ପି.ସି.) [113] ମାଧ୍ୟମରେ ଏପ୍ରିଲ 2018 ସୁଦ୍ଧା ସମାପ୍ତ ଲାଗି ପ୍ରଦାନ (ଅକ୍ଟୋବର 2015) କରାଯାଇଥିଲା । ପୋଲ ନିମନ୍ତେ 7.12 କୋଟି ଟଙ୍କା ଚୁକ୍ତିନାମା ମୂଲ୍ୟ ବିଶିଷ୍ଟ 400 ମିଟର ଲମ୍ବ ପ୍ରବେଶ ମାର୍ଗ ଏହି ଚୁକ୍ତି ରାଜିନାମାର ଅଂଶବିଶେଷ ଥିଲା ଯାହାକି ଚୁକ୍ତି ମୂଲ୍ୟର ପାଞ୍ଚ ପ୍ରତିଶତ ଅଟେ । ଏହି କାର୍ଯ୍ୟଟି ମାର୍ଚ୍ଚ 2018ରେ ସମ୍ପନ୍ନ ହୋଇଥିଲା ଏବଂ ଠିକାଦାରଙ୍କୁ 142.41 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

---

111 କୃଷି ଏବଂ ଗ୍ରାମ ଉନ୍ନୟନ ନିମନ୍ତେ ଜାତୀୟ ବ୍ୟାଙ୍କ

112 ଏମ୍/ଏସ.ଏସ.ପି. ସିଙ୍ଗଲା କନଷ୍ଟ୍ରକସନ

113 ଇ.ପି.ସି ଚୁକ୍ତି ଅନୁସାରେ, ଠିକାଦାରମାନେ ନିଜସ୍ୱ ସର୍ବେକ୍ଷଣ, ଅନୁସନ୍ଧାନ ଏବଂ କାର୍ଯ୍ୟର ସମ୍ପାଦନ ନିମନ୍ତେ ନିଜର ନିଲାମ ମୂଲ୍ୟ ସୂଚିତ କରିବେ

ଚାଲୁ ଲେଖା ହିସାବ ଏବଂ ଅନ୍ତିମ ବିଲ୍ ଗୁଡିକର ଯାଞ୍ଚରୁ, ସମୀକ୍ଷା ଅବଲୋକନ କଲା (ଫେବୃଆରୀ 2019) ଯେ ଠିକାଦାର କେବଳ 127 ମିଟରର ପ୍ରବେଶ ମାର୍ଗ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ । ସମୀକ୍ଷା ପୁନଶ୍ଚ ଅବଲୋକନ କଲା ଯେ, ପ୍ରାଧିକାରୀ ଠିକାଦାରଙ୍କୁ କାର୍ଯ୍ୟର ପରିସର ପରିବର୍ତ୍ତନ ପାଇଁ ଏକ ସଂଶୋଧିତ ପ୍ରସ୍ତାବ ଦାଖଲ ନିମନ୍ତେ ଅନୁଦେଶ ଦେଇ ନଥିଲେ କିମ୍ବା ଠିକାଦାର ଚୁକ୍ତିନାମା ର ସର୍ତ୍ତ ଅନୁସାରେ ଚୁକ୍ତି ମୂଲ୍ୟର ହ୍ରାସ ନିମନ୍ତେ ପ୍ରସ୍ତାବ ଦେଇ ନଥିଲେ । ସେହି ଭାବରେ, ଠିକାଦାର ବାସ୍ତବିକ ନିଷ୍ପାଦିତ ଦୈର୍ଘ୍ୟ ବିଶିଷ୍ଟ ରାସ୍ତା କାର୍ଯ୍ୟ ଲାଗି 2.26 କୋଟି ଟଙ୍କା (ଆନୁପାତିକ ହିସାବ ଅନୁଯାୟୀ ) ପାଇବାର ଥିଲା । କିନ୍ତୁ ନିର୍ବାହୀ ଯନ୍ତ୍ରୀ ରାଜିନାମା ରେ ଉଲ୍ଲେଖ ଅନୁଯାୟୀ ସମ୍ପୂର୍ଣ୍ଣ ଦୈର୍ଘ୍ୟ ରାସ୍ତାର ସମୁଦାୟ ଚୁକ୍ତି ମୂଲ୍ୟ 7.12 କୋଟି ଟଙ୍କା ପ୍ରଦାନ କରିଥିଲେ । ଏହା ଫଳରେ ଠିକାଦାରଙ୍କୁ ଅତିରିକ୍ତ 4.86 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଉତ୍ତରରେ ସରକାର ଜଣାଇଲେ (ନଭେମ୍ବର 2019) ଯେ କେବଳ 127 ମିଟରର ପ୍ରବେଶ ମାର୍ଗ ନିର୍ମାଣ କରାଯାଇଥିଲା ଏବଂ ଅବଶିଷ୍ଟ 273 ମିଟରର ରାସ୍ତା ନିର୍ମାଣ କାର୍ଯ୍ୟର ନିଷ୍ପାଦନକୁ ଅନ୍ୟ ଏକ କାର୍ଯ୍ୟ ଅର୍ଥାତ୍ ବିଦ୍ୟମାନ ଥିବା ଏକ ଚାରିଲେନ୍ ବିଶିଷ୍ଟ ରାସ୍ତାର ଉତ୍ଥାନ କାର୍ଯ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ସମତୁଲ୍ୟ 273 ମିଟର ଲମ୍ବ ବିଶିଷ୍ଟ ଅନ୍ୟ ଏକ ରାସ୍ତା କାର୍ଯ୍ୟର ନିଷ୍ପାଦନ ଚୁକ୍ତିନାମାର ଅଂଶ ନ ଥିଲା କିମ୍ବା ସଂଶୋଧିତ କାର୍ଯ୍ୟର ପରିସର ଦର୍ଶାଇ କୌଣସି ପରିପୂରକ ଚୁକ୍ତିନାମା ଦ୍ୱାରା ସମର୍ଥିତ ନଥିଲା ଏବଂ ଏହିଭାବରେ ଏହି କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ ଅର୍ଥ ଅନ୍ୟ ଏକ କାର୍ଯ୍ୟରେ ଉପଯୋଗ କରାଯିବା ଅତ୍ୟନ୍ତ ଅନିୟମିତ ଥିଲା । ପାଖାପାଖି 4.86 କୋଟି ଟଙ୍କା ମୂଲ୍ୟର ଏକ କାର୍ଯ୍ୟ ପୃଥକ୍ ଭାବରେ ଯଥୋଚିତ ପଦ୍ଧତିର ଅନୁପାଳନରେ ପ୍ରଦାନ ହେବାକଥା, ଯାହାକି ଏହି କ୍ଷେତ୍ରରେ କରାଯାଇ ନଥିଲା ।

## ଅର୍ଥ ବିଭାଗ

## 8.10 ସମୀକ୍ଷା ପ୍ରତି ପ୍ରତିକ୍ରିୟା

ସମୀକ୍ଷା ଫଳାଫଳ ଗୁଡିକର ସମୟାନୁଯାୟୀ ପ୍ରତିକ୍ରିୟା ହେଉଛି ଉତ୍ତମ ଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଯେହେତୁ ଏହା ସୁନିଶ୍ଚିତ କରାଏ ଯେ ସରକାର ତାଙ୍କର ତତ୍ତ୍ୱାବଧାନ ଭୂମିକାକୁ ଗମ୍ଭୀରତାର ସହ ନେଇଛନ୍ତି ।

ମହାଲେଖାକାର (ସମୀକ୍ଷା- II), ଓଡିଶା ନିୟମିତ ସମୟ ବ୍ୟବଧାନରେ ପ୍ରସ୍ତାବିତ ନିୟମାବଳୀ ଏବଂ ପଦ୍ଧତି ଅନୁଯାୟୀ ସରକାରୀ ବିଭାଗ ଗୁଡିକ ଏବଂ ସେମାନଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡିକର ଦେଣ ନେଣ ଏବଂ ଗୁରୁତ୍ୱପୂର୍ଣ୍ଣ ଲେଖା ତଥା ଅନ୍ୟ ନଥିପତ୍ର ରକ୍ଷଣା ବେକ୍ଷଣ ସତ୍ୟାପନ କରିବା ପାଇଁ ନିରୀକ୍ଷଣ କରିଥାନ୍ତି । ଏହି ନିରୀକ୍ଷଣ ଗୁଡିକ ସମ୍ପାଦିତ ହେଲା ପରେ ନିରୀକ୍ଷଣ ରିପୋର୍ଟ (ଆଇ.ଆର.) ଗୁଡିକ କାର୍ଯ୍ୟାଳୟ ମୁଖ୍ୟ ଏବଂ ପରବର୍ତ୍ତୀ ଉପରସ୍ଥ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଥାଏ । ତ୍ରୁଟି ଓ ବିଚ୍ୟୁତିଗୁଡିକୁ ତ୍ୱରିତ ଭାବରେ ଧ୍ୟାନ ଦିଆଯିବା ଏବଂ ତାହାର ଅନୁପାଳନ ମହାଲେଖାକାରଙ୍କୁ ପ୍ରେରଣ କରିବା ଆଶା କରାଯାଏ । ସମୀକ୍ଷା ଅବଲୋକନ ଗୁଡିକର ବିଭାଗମାନଙ୍କର ଦ୍ୱାରା ଅନୁପାଳନ ସମ୍ବନ୍ଧୀୟ ତଦାରଖକୁ ସୁବିଧାଜନକ କରିବା ପାଇଁ ବାକି ଥିବା ନିରୀକ୍ଷଣ ରିପୋର୍ଟ ଗୁଡିକର ଏକ ଅର୍ଦ୍ଧ ବାର୍ଷିକ ବିବରଣୀ ପ୍ରତି ବିଭାଗର ସଚିବମାନଙ୍କୁ ପ୍ରେରଣ କରାଯାଇଥାଏ । ଉପରୋକ୍ତ ସ୍ଥାୟୀ ପ୍ରକ୍ରିୟା ବ୍ୟତୀତ, ପ୍ରଶାସନିକ ବିଭଗମାନଙ୍କର ପ୍ରତିନିଧି, ମହାଲେଖକାର (ସମୀକ୍ଷା- II) ଏବଂ ଅର୍ଥ ବିଭାଗର ପ୍ରତିନିଧିମାନଙ୍କୁ ନେଇ ଗଠିତ ସମୀକ୍ଷା କମିଟୀ ବୈଠକରେ ତଥ୍ୟାବଳୀର ଯାଞ୍ଚ କରାଯିବା ସହିତ ବାକିଥିବା ନିରୀକ୍ଷଣ ରିପୋର୍ଟ ଏବଂ ଅନୁଚ୍ଛେଦ ଗୁଡିକର ବିସ୍ତୃତ ବିଚାର ବିମର୍ଷ ଓ ସତ୍ୟାସତ୍ୟ ପ୍ରମାଣ ଦ୍ୱାରା ମୀମାଂସା କରାଯାଇଥାଏ ।

ଏକ ସମୀକ୍ଷାରୁ ଜଣାଗଲା ଯେ ମାର୍ଚ୍ଚ 2019 ସୁଦ୍ଧା ଜାରୀ ହୋଇଥିବା 12 ଟି ବିଭାଗ ଅନ୍ତର୍ଗତ 2,981 ଟି ନିରୀକ୍ଷଣ ରିପୋର୍ଟର 9,828 ଟି ଅନୁଚ୍ଛେଦ ଜୁନ 2019 ଶେଷ ସୁଦ୍ଧା ବାକି ରହିଥିଲା। ଏଥିମଧ୍ୟରୁ, 1,131 ଟି ନିରୀକ୍ଷଣ ରିପୋର୍ଟର 2,488 ଟି ଅନୁଚ୍ଛେଦ 10 ବର୍ଷରୁ ଅଧିକ ଅବଧି ଧରି ବାକି ରହିଥଲା **(ପରିଶିଷ୍ଟ- VI)**। ଏପରିକି କାର୍ଯ୍ୟାଳୟ ମୁଖ୍ୟଙ୍କ ଠାରୁ ପ୍ରଥମ ଉତ୍ତର ଯାହାକି ଏକ ମାସ ଭିତରେ ଦାଖଲ କରାଯିବା କଥା, ଜାରୀ ହୋଇଥିବା 347 ଟି ନିରୀକ୍ଷଣ ରିପୋର୍ଟ ସମ୍ବନ୍ଧରେ ଏହି ଉତ୍ତର ମାର୍ଚ୍ଚ 2019 ସୁଦ୍ଧା ପ୍ରାପ୍ତ ହୋଇନଥିଲା । ବର୍ଷ-

ଓ୍ୱାରୀ ବାକି ଥିବା ନିରୀକ୍ଷଣ ରିପୋର୍ଟ ଏବଂ ଅନୁଚ୍ଛେଦ ଗୁଡିକର ବିବରଣୀ **ପରିଶିଷ୍ଟ – VII** ରେ ପ୍ରଦାନ କରାଯାଇଛି ।

ଏହି ନିରୀକ୍ଷଣ ରିପୋର୍ଟଗୁଡିକରେ ଦର୍ଶାଯାଇଥିବା ଗୁରୁତର ଅନିୟମିତତା ଗୁଡିକର ମୀମାଂସା ଜୁନ 2019 ସୁଦ୍ଧା ହୋଇନାହିଁ **(ପରିଶିଷ୍ଟ - VIII)** । ଅନୁଚ୍ଛେଦ ସଂଖ୍ୟା ଏବଂ ଏହିସବୁ ଅନିୟମିତତାରେ ଜଡିତ ଅର୍ଥର ପରିମାଣ ସାରଣୀ 8.6 ରେ ଶ୍ରେଣୀ ଭୁକ୍ତ କରାଯାଇଛି ।

**ସାରଣୀ ସଂଖ୍ୟା. 8.6 ଅନିୟମିତତାର ଶ୍ରେଣୀ, ଅନୁଚ୍ଛେଦ ସଂଖ୍ୟା ଏବଂ ପରିମାଣ**

(ଟଙ୍କା କୋଟିରେ)

| କ୍ର.ସଂଖ୍ୟା | ଅନିୟମିତତାର ଶ୍ରେଣୀ | ଅନୁଚ୍ଛେଦ ସଂଖ୍ୟା | ପରିମାଣ |
|---|---|---|---|
| 1 | ନିୟମ ଓ ବିନିୟମାବଳୀର ଅନୁପାଳନ ନ କରିବା | 48 | 2.09 |
| 2 | ଔଚିତ୍ୟ ବିରୋଧୀ ର ସମୀକ୍ଷା/ ଯଥାର୍ଥତା ନ ଥାଇ ଅର୍ଥବ୍ୟୟ | 35 | 8.85 |
| 3 | ଲଗାତାର ଭାବେ/ ବ୍ୟାପକ ଅନିୟମିତତା | 07 | 1.92 |
| | ମୋଟ | **90** | **12.86** |

(ଉତ୍ସ: ସମୀକ୍ଷା ଦ୍ୱାରା ସଙ୍କଳିତ)

ଭୁବନେଶ୍ୱର
ତାରିଖ: 18 FEB 2021

(ବିଭୁଦତ୍ତ ବସନ୍ତିଆ)
ପ୍ରଧାନ ମହାଲେଖାକାର (ଲେଖା ପରୀକ୍ଷା-II), ଓଡିଶା

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ
ତାରିଖ: 19 फरवरी FEB 2021

(ଗିରୀଶ ଚନ୍ଦ୍ର ମୁର୍ମୁ)
ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ